



# ମତ - ପଥ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଗ୍ରନ୍ଥାଳୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 46 ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000 ମୂଲ୍ୟ : /-

## ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତିକ - ବର୍ତ୍ତିକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କବ୍ଜା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଶୃଙ୍ଖଳ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୧. ଚିହ୍ନି ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ୍ୟ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଦ୍ଧତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୂତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯.ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଗ୍ରହକ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୫୮. ଶ୍ରୀକୃଷ୍ଣାଷ୍ଟମୀ
୫୯. ନଖ - ଗୁରୁ
୬୦. ଦଶ- ଦିଶା
୬୧. କଥା - ପଥି
୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା
୬୩. କଲିଯୁଗ
୬୪. ସେବା ପ୍ରତିଶତ
୬୫. ପ୍ରକୃତି-ବିକୃତି
୬୬. ପୈତ୍ୟ -ସୈତ୍ୟ
୬୭. ନିଜ-ସହଜ
୬୮. ଭକ୍ତି-ଭୟ
୬୯. ରୀତି
୭୦. ଶଙ୍କୋଚ-ଧମକ
୭୧. ଯେ ତୋ ପଛରେ ଥାଏ ।
୭୨. ଶବ-ଶିବ
୭୩. ଶୈବ-ବୈଷ୍ଣବ
୭୪. ଧର୍ମ-ଅଧର୍ମ
୭୫. ଦ୍ରାବିଡ-ଆର୍ଯ୍ୟ
୭୬. କଞ୍ଚା-ପାଚିଲା-କଞ୍ଚା
୭୭. ଯୁଗ-ଯୋଗ
୭୮. ଈଶ୍ୱରଙ୍କର ମତ ଅଛି ?
୭୯. କର୍ମ ମର୍ମ
୮୦. ଜନମ-ମରଣ
୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା
୮୩. ନିଦର୍ଶନ-ନିରୂପଣ
୮୪. ଗୁରୁ କିଏ ?
୮୫. ତ୍ରୈତ ସିଦ୍ଧାନ୍ତ
୮୬. ସ୍ତ୍ରୀ/ପୁଂ - ଲିଙ୍ଗ
୮୭. ଜୀର୍ଣ୍ଣ+ଆଶୟ
୮୮. ଶ୍ରୀକୃଷ୍ଣ କିଏ ?
୮୯. ଖେଳ-ଲୁଚକାଳି ଖେଳ
୯୦. ପ୍ରଜା-ମାନବ
୯୧. ଦନ୍ତ-ଅନ୍ତ, ୯୨. ମତ-ପଥ
୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ
୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ
୯୭. ପ୍ରଭୁ-ପ୍ରଭୁତ୍ୱ
୯୮. ଜ୍ଞାନ-ବିଜ୍ଞାନ
୯୯. ବାର-ମାସ-ବତ୍ସର
୧୦୦. ଭୂତ-ମହାଭୂତ
୧୦୧. ସେଖ୍ ବଲି-କୁଲି ସେବା
୧୦୨. ଆତ୍ମାର ଚିହ୍ନ କେଶ
୧୦୩. ଗଞ୍ଜା - ପାରଦ
୧୦୪. ଇନ୍ଦୁ ମହାସମୁଦ୍ର
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନା
୧୦୭. ପୁସ୍ତକ-ଗ୍ରନ୍ଥ
୧୦୮. ପାଦ-ପାପୁଲି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. ଅକ୍ଷମଣୀୟ ପାପ
୧୧୨. ମରଣ -ଶରୀର
୧୧୩. ଦିବ୍ୟ ଖୁରାନ୍-ହଦୀସ୍
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖ-ଆନନ୍ଦ
୧୧୬. କାଲଜ୍ଞାନ ବାକ୍ୟ

୧୧୭. ଭୌତିକ-ଅଭୌତିକ
୧୧୮. ଦୈବାଦେଶ-ମରଣ
୧୧୯. ଜ୍ଞାନ ପାଖରେ ସତର୍କ
୧୨୦. ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧. ଜ୍ଞାନ କବ୍ଜା ହୋଇଛି !
୧୨୨. ଈଶ୍ୱର-ଦୁଇଜଣ ! କି ଜଣେ !!
୧୨୩. ମତ ସୌମ୍ୟତା
୧୨୪. ମୋକ୍ଷ-ଠକାମି
୧୨୫. ଅକ୍ଷର ଜ୍ଞାନ
୧୨୬. ଲାଳଜଳ
୧୨୭. ଦୈବ ଧର୍ମ-ମତ ପ୍ରଥା
୧୨୮. ଆହାର ତୋର ! କି ତୋ ଆତ୍ମାର !
୧୨୯. ମାତ୍ରା(ବଟି)-ଔଷଧ
୧୩୦. କାଳଚକ୍ର
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତ୍ତମ-ଶ୍ରୀରାମ
୧୩୬. ଈଶ୍ୱରଙ୍କର ଜଣେ ପୁତ୍ର -
ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯. ଗ୍ରହାନ୍ତରବାସୀ
୧୪୦. ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨. ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା
ନା ନେତି ମିଦା ରେଣ୍ଟୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ
ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୁର୍ଣ୍ଣମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । -
ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା,
ମୁଁ - ମୋ ମା'- ମୋ ଜେଜିମା' ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ
ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର !!
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ
ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)
ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା
ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

**୧.କଳ୍ପନା ସୁନ୍ଦରାୟ:**7978498668, **୨.ପ୍ରଶାନ୍ତ ପଟ୍ଟନାୟକ:**9160767516.
**.୩.ତେଜସ୍ୱିନୀ ମାନସିଂହ:**9777075446, **୪.ଦିପ୍ତିରଞ୍ଜନ ପଣ୍ଡା :** 7873229092.
**୫.ଲକ୍ଷ୍ମୀଧର ପାଇକରାୟ:**9692557801, **୬.ଶ୍ରୀନିବାସମାନସିଂହ:** 9040929743..

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)
ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)
୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499
୨. ଇ. ଅଶୋକ କୁମାର : 6370043490
୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563
୪. ଡି.ରବି (ପାରଳାଖେମୁଣ୍ଡି) : 8249683055
୫. ଏସ୍. ଗୌରିଶଙ୍କର ରାଓ : 9348538123
୬. ଇ. ସିଂହାଞ୍ଚଳମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**
Youtube : thraitha siddantham

## ଯୋଗୀଶ୍ୱରଙ୍କ ଶୃଙ୍ଖଲ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାଚ୍ଚର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ କ୍ଷୟ, ଅକ୍ଷୟ ସମାଚ୍ଚର ଏବଂ ପରମାତ୍ମା ସମାଚ୍ଚର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଅଭୌତିକ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଲବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଲ୍ୟ ସୃଷ୍ଟି କରୁଛି, ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚ୍ଚଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହିନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଯିବା ପରେ ତାହା ଐଶ୍ୱରୀୟ ଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣାପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣିପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ମତ- ପଥ

ଭୂପୃଷ୍ଠରେ ଥିବା ଈଶ୍ୱରବିଶ୍ୱାସୀ ମାନଙ୍କୁ ତିନି ଭାଗରେ ବିଭାଜନ କରିପାରିବା । ସେହିଭଳି ଈଶ୍ୱରଙ୍କୁ ବିଶ୍ୱାସ କରୁଥିବା ମତକୁ (ଧର୍ମକୁ) ମଧ୍ୟ ତିନି ଭାଗରେ ବିଭାଜନ କରିପାରିବା । ତିନି ମତ ଭିତରୁ ଅତି ପ୍ରାଚୀନ ହୋଇ, ଅନ୍ୟ ମତଗୁଡିକ ଆଗରୁ ଜନ୍ମ ହୋଇଥିବା ମତ ହେଉଛି ହିନ୍ଦୁମତ (ହିନ୍ଦୁଧର୍ମ) । ତାପରେ ଜନ୍ମ ନେଇଥିଲା ଖ୍ରୀଷ୍ଟମତ ଏବଂ ଇସ୍ଲାମମତ । ମୁଖ୍ୟ ହୋଇଥିବା ଏହି ତିନି ମତ ଭିତରୁ ଈଶ୍ୱରଙ୍କ ବାବଦରେ ବିପୁଳ ଭାବରେ ଏବଂ ଅତି ନିକଟତ୍ତର ବାଣୀବୋଧ ହିନ୍ଦୁମତର ଥିଲା ଏବଂ ଅଛି ବୋଲି କହିପାରିବା, ତାପରେ ଦ୍ୱିତୀୟ ସ୍ଥାନରେ ଖ୍ରୀଷ୍ଟମତ, ତୃତୀୟ ସ୍ଥାନରେ ଇସ୍ଲାମ ମତ ରହିଛି ବୋଲି କହିପାରିବା ।

ବାଣୀବୋଧରେ ଇସ୍ଲାମମତ ତୃତୀୟ ସ୍ଥାନରେ ରହିଲେ ମଧ୍ୟ ଦୈବମାର୍ଗରେ ପ୍ରଥମ ସ୍ଥାନରେ ରହି, ଈଶ୍ୱରଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସ କରି, ଈଶ୍ୱରଙ୍କ ନିକଟରେ ରହିଛି ବୋଲି କହିପାରିବା । ସେହିଭଳି ବିଶ୍ୱାସରେ ଏବଂ ଈଶ୍ୱରଙ୍କ ନିକଟତ୍ତର ହୋଇ ଦ୍ୱିତୀୟ ସ୍ଥାନରେ ଖ୍ରୀଷ୍ଟମତ ରହିଛି । ଶେଷରେ ତୃତୀୟ ସ୍ଥାନରେ ହିନ୍ଦୁମତ ରହିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏକ ହିସାବ ଅନୁସାରେ କହିବାକୁଗଲେ ଇସ୍ଲାମ ମତରେ ଈଶ୍ୱରଙ୍କ ଉପରେ ୯୦% ବିଶ୍ୱାସ ଥିବାବେଳେ, ଖ୍ରୀଷ୍ଟମତରେ ୫୦% ରହିଛି, କିନ୍ତୁ ହିନ୍ଦୁମତ ସବୁଠାରୁ ପଛରେ ରହି, କେବଳ ୨% କିମ୍ବା ତାଠାରୁ କମ୍ ବିଶ୍ୱାସ ଅଛି ବୋଲି କହିପାରିବା । ଏଇଠାରେ ଏବେ ଆପଣଙ୍କ ଭିତରେ ଏକ ପ୍ରଶ୍ନ ଉଙ୍କିମାରି ପାରେ, ସେହି ପ୍ରଶ୍ନ ହେଉଛି ! ଇସ୍ଲାମମତ ଏବଂ ଖ୍ରୀଷ୍ଟମତ ଅପେକ୍ଷା ପୂଜା କରୁଥିବା ଲୋକମାନେ, ମନ୍ଦିରକୁ ଯାଉଥିବା ଭକ୍ତମାନେ, ଯଜ୍ଞ କରୁଥିବା ଲୋକମାନେ, ବାଣୀବୋଧ କରୁଥିବା ସ୍ୱାମୀଜୀମାନେ, ମାହାତ୍ମ୍ୟ ଦେଖାଉଥିବା ବାବାମାନେ ହିନ୍ଦୁମତରେ ଏତେ ଅଧିକ ଥିବାବେଳେ, ହିନ୍ଦୁମତରେ ଏତେ ଦାରୁଣ ଭାବରେ ଈଶ୍ୱର

ବିଶ୍ୱାସ କେବଳ ଦୁଇ ପ୍ରତିଶତ ରହିଛି ବୋଲି କିପରି କହୁଛନ୍ତି ? ବୋଲି ପଚାରି ପାରନ୍ତି । ସେଥିପାଇଁ ଆମ ଜବାବ ହେଉଛି ! ଆମେ ଯେଉଁ ବିଶ୍ୱାସ ବାବଦରେ କହୁଛୁ ତାହା ଦେବତା ମାନଙ୍କର ଦୈବ ବା ଈଶ୍ୱରଙ୍କ ଉପରେ ଥିବା ବିଶ୍ୱାସ ବାବଦରେ କହୁଛୁ, କିନ୍ତୁ ଆପଣ ଯେଉଁ ବିଶ୍ୱାସ ବାବଦରେ ଭାବିଛନ୍ତି ତାହା ଈଶ୍ୱର ବା ଦୈବସୃଷ୍ଟିର ଦେବତାମାନଙ୍କୁ କରାଯାଉଥିବା ବିଶ୍ୱାସ । ଦେବତାମାନଙ୍କ ଉପରେ ହିନ୍ଦୁମାନଙ୍କର ଯେତିକି ବିଶ୍ୱାସ ଅଛି ତାହା ଅନ୍ୟ କୌଣସି ମତରେ ନାହିଁ । ଦେବତାମାନଙ୍କ ଉପରେ ହିନ୍ଦୁମାନଙ୍କର ଭକ୍ତି ୯୯% ଅଛି ବୋଲି କହିପାରିବା, କିନ୍ତୁ ଦେବତାମାନଙ୍କୁ ମଧ୍ୟ ସୃଷ୍ଟି କରିଥିବା ଈଶ୍ୱରଙ୍କ ଉପରେ ବିଶ୍ୱାସ କେବଳ ୨% ମଧ୍ୟ ଅଛି ବୋଲି ସ୍ୱୀକାର କରିପାରିବା ନାହିଁ । ଈଶ୍ୱରଙ୍କ ବାବଦରେ ରହିଥିବା ବାଣୀବୋଧର ମଥାମଣି ଭଳି ତିନି ମତରେ ତିନିଗୋଟି ଗ୍ରନ୍ଥ ରହିଛି । ତାହା ଇସ୍ଲାମ ମତରେ ପବିତ୍ର କୋରାନ, ଖ୍ରୀଷ୍ଟମତରେ ପବିତ୍ର ବାଇବେଲ ବା ପରିଶୁଦ୍ଧ ବାଇବେଲ, ହିନ୍ଦୁମତରେ ଭଗବଦ୍ଗୀତା ହୋଇ ରହିଛି । ଏଠାରେ ଧ୍ୟାନ ଦେଲେ ଜାଣିପାରିବେ ଯେ, ଇସ୍ଲାମ ମତଗ୍ରନ୍ଥ କୁହାଯାଉଥିବା କୋରାନ ଆଗରେ ପବିତ୍ର ନାମକ ଉପାଧିଟିଏ ଅଛି । ସେହିଭଳି ଖ୍ରୀଷ୍ଟମତର ଗ୍ରନ୍ଥ କୁହାଯାଉଥିବା ବାଇବେଲ ଆଗରେ ମଧ୍ୟ ପବିତ୍ର ବା ପରିଶୁଦ୍ଧ ନାମକ ଉପାଧି ରହିଛି, କିନ୍ତୁ ହିନ୍ଦୁମତର ଗ୍ରନ୍ଥ କୁହାଯାଉଥିବା ଭଗବଦ୍ଗୀତା ଆଗରେ ସେଭଳି କୌଣସି ଉପାଧି ନାହିଁ । ପଛରେ ଜନ୍ମ ହୋଇଥିବା ବାଣୀ ଆଗରେ ପବିତ୍ର ନାମକ ଉପାଧି ଥିବାବେଳେ, ସବୁଠାରୁ ଆଗରୁ ଜନ୍ମ ହୋଇଥିବା ଭଗବଦ୍ଗୀତା ଆଗରୁ କାହିଁକି ସେଭଳି କୌଣସି ଉପାଧି ନାହିଁ ବୋଲି ବିଚାରି, ଯଦି ଅତୀତକୁ ଦେଖିବା ତେବେ, ଭଗବଦ୍ଗୀତା ଆଗରେ ତାର ମୂଲ୍ୟକୁ ସୂଚିତ କରି ଯାହା ରହିଛି ତାହା ଆମକୁ ଜଣା ନଥିବା ଅନେକ ରହସ୍ୟ, ଅନେକ ସତ୍ୟକୁ ଦୃଷ୍ଟିଗୋଚର କରାଇଥାଏ ବୋଲି ଜାଣିପାରିବା ।

ଏବେ ପ୍ରଚଳରରେ ଥିବା ଭଗବଦ୍ଗୀତା ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ଦ୍ୱାପର ଯୁଗରେ (ଦ୍ୱାପର ଯୋଗରେ) ଅର୍ଜୁନଙ୍କୁ କୁହାଯାଇଥିଲେ ମଧ ତା ପୂର୍ବରୁ ସୃଷ୍ଟିଆଦିରେ ପରମାତ୍ମା ସୂର୍ଯ୍ୟଙ୍କୁ କହିଥିଲେ । ସେହି ଅନୁସାରେ ଭଗବଦ୍ଗୀତା ସୃଷ୍ଟି ଆଦିରେ ଥିଲା ବୋଲି ଜଣାଯାଉଛି । ସୃଷ୍ଟି ଆଦିରେ ଥିବା ଭଗବଦ୍ଗୀତାରେ ଆଜି ଖ୍ରୀଷ୍ଟମତରେ, ଇସ୍ଲାମମତରେ କହିଥିବା ବାଣୀର ସାରାଂଶ ରହିଛି । ତେଣୁ ଭଗବଦ୍ଗୀତା ପାଇଁ, ଏହି ଦୁଇ ମତର ଗ୍ରନ୍ଥ କୁହାଯାଉଥିବା ବାଇବେଲ, କୋରାନରେ ରହିଥିବା ଉପାଧି ଆଗରୁ ଥିଲା ବୋଲି କହିପାରିବା । ଭଗବଦ୍ଗୀତାରେ କୌଣସି ମତ ବାବଦରେ କହି ନାହାନ୍ତି । ତାହା କେବଳ ଦୈବ ସମ୍ବନ୍ଧୀୟ ପରମ ବାବଦରେ ବୋଧ କରିଛି । ତେଣୁ ପରମ ନାମକ ଉପାଧି ତାର ପ୍ରଥମ ଉପାଧି ବୋଲି କହିପାରିବା । ଭଗବଦ୍ଗୀତା ପରମ (ଶ୍ରେଷ୍ଠ ବା ଦୈବ) ବାବଦରେ କହୁଛି, ଜ୍ଞାନକୁ ଧାରଣ କରି ପବିତ୍ର ହୋଇଛି ଏବଂ କର୍ମ ନାମକ କାଳିମାକୁ ଧୌତ କରୁଛି । ତେଣୁ ଗୀତାକୁ **ପରମ ପବିତ୍ର ପରିଶୁଦ୍ଧ** ଗ୍ରନ୍ଥ ବୋଲି ଦ୍ୱାପର ଯୁଗ ପୂର୍ବରୁ କୃତଯୁଗ (ସତ୍ୟଯୁଗ)ରେ ହିଁ କୁହାଯାଇଥିଲା । ଭୂପୃଷ୍ଠରେ ସେ କାଳରେ ସମସ୍ତେ ଦୈବଜ୍ଞାନ ଜାଣି ଜ୍ଞାନବନ୍ତ ଥିଲେ, ହେଲେ ମାୟା ପ୍ରଭାବ ଦ୍ୱାରା କାଳକ୍ରମେ ସେମାନେ ଦୈବଜ୍ଞାନରୁ ଦୂର ହେବାକୁ ଲାଗିଲେ । ମଣିଷ ଏହିଭଳି ଅଜ୍ଞାନତାରେ ପ୍ରବେଶ କରିବା ଦ୍ୱାରା ଶେଷରେ ଆଜି ଭଗବଦ୍ଗୀତାର ଥିବା ଉପାଧିକୁ ଭୁଲିଯାଇଛି । ଖାଲି ଉପାଧି କାହିଁକି ଭଗବତ୍ ଗୀତାକୁ ଭୁଲିଯାଇଛି କହିଲେ ଅତିକଥା ହେବନାହିଁ, ତାଛଡା ସେଥିରେ ଥିବା ଧର୍ମକୁ ମଧ ସଂପୂର୍ଣ୍ଣ ଭୁଲିଯାଇଛି । ଦ୍ୱାପରଯୁଗର ଶେଷ କାଳରେ ଈଶ୍ୱରଙ୍କ ଧର୍ମରେ ସଂପୂର୍ଣ୍ଣ ଗ୍ଲାନି ଆସିଥିଲା । ସେଭଳି ପରିସ୍ଥିତିରେ ଈଶ୍ୱର ଭଗବାନ ଭାବରେ ଜନ୍ମହୋଇ, ଶ୍ରୀକୃଷ୍ଣ ରୂପରେ ଅଭିନୟ କରି, ସମୟ ସନ୍ଦର୍ଭ ଦେଖି ତାଙ୍କ ଧର୍ମକୁ ପୁଣିଥରେ କହି ଚଳିଯାଇଥିଲେ । ଦ୍ୱାପରଯୁଗର ଶେଷ କାଳରେ କହିଯାଇଥିବା ଭଗବଦ୍ଗୀତା କଳିଯୁଗର ପ୍ରଥମାର୍ଦ୍ଧ ହୋଇଥିବା

ଆଜିର କାଳରେ ଥିଲେ ମଧ୍ୟ ସେଥିରେ ରହିବାଯୋଗ୍ୟ ଉପାଧି ନାହିଁ । ବିତିଯାଇଥିବା କଳି କାଳରେ ଜନ୍ମ ହୋଇ ଆସିଥିବା ବାଇବେଲ ଗ୍ରନ୍ଥ ପବିତ୍ର ବାଇବେଲ ଭାବରେ କୁହାଯାଉଛି । ତାପରେ ଜନ୍ମ ହୋଇଥିବା କୋରାନ ଗ୍ରନ୍ଥକୁ ମଧ୍ୟ ପବିତ୍ର କୋରାନ କୁହାଯାଉଛି, କିନ୍ତୁ ସବୁଠାରୁ ଆଗରୁ ଜନ୍ମ ହୋଇଥିବା ଭଗବଦ୍ଗୀତାରେ ରହିବାଯୋଗ୍ୟ ଉପାଧି ନଥିବାରୁ ଭଗବଦ୍ଗୀତାର ଜ୍ଞାନ ଛିନ୍ନଭିନ୍ନ ହୋଇଯାଇଥିବା ଭଳି ହୋଇଯାଇଛି । ବାଇବେଲ, କୋରାନ ଆଗରୁ କୁହାଯାଇଥିବା ଗୀତାଜ୍ଞାନ ସର୍ବୋପରି ପବିତ୍ର ଏବଂ ପରିଶୁଦ୍ଧ । ଏହାର ନିଦର୍ଶନ ଭାବରେ ଭଗବଦ୍ଗୀତାର ଜ୍ଞାନ ଯୋଗରେ ଥିବା ୩୮ ତମ ଶ୍ଳୋକରେ **"ନହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ"** ବୋଲି କହିଛନ୍ତି । ଏହି ଶ୍ଳୋକର ବିବରଣୀକୁ ଅଳ୍ପରେ କହିଲେ ଗୀତାଜ୍ଞାନ ସହିତ ସମାନ, ଗୀତାଜ୍ଞାନଠାରୁ ପବିତ୍ର ଆଉକିଛି ନାହିଁ ବୋଲି ଜଣାଯାଉଛି । ଏହି ଗୀତାଜ୍ଞାନ ଅନ୍ୟ ମତଗୁଡିକର ମତଗ୍ରନ୍ଥ କୁହାଯାଉଥିବା ଗ୍ରନ୍ଥଗୁଡିକରେ ମଧ୍ୟ ରହିଛି । ଗୀତାଜ୍ଞାନ କିଛି ଶତାଂଶ ଥାଇ ଅନ୍ୟ ଗ୍ରନ୍ଥଗୁଡିକ ପବିତ୍ରଗ୍ରନ୍ଥ ଭାବରେ ଉପାଧିଭୂଷିତ ହୋଇଥିବା ସ୍ଥଳେ, ଶହେରୁ ଶହେ ପ୍ରତିଶତ ଜ୍ଞାନ ଥିବା ଭଗବଦ୍ଗୀତାର ନାମ ନେବାବେଳେ କୌଣସି ଉପାଧିଭୂଷିତ ପଦରେ ନକହି କେବଳ ଭଗବଦ୍ଗୀତା କହିବା ଠିକ୍ ନୁହେଁ । ତେଣୁ ସତ୍ୟକୁ ଆଜି ଜାଣୁଥିବା ଆମେମାନେ ପ୍ରଥମେ ଗୀତାର ନାମ ନେବାବେଳେ, ଖାଲି ଭଗବଦ୍ଗୀତା ନକହି ଗୀତାର ପ୍ରକୃତ ଭାବ ଅନୁସାରେ **"ପରମ, ପବିତ୍ର, ପରିଶୁଦ୍ଧ ଭଗବଦ୍ଗୀତା"** କହିବା ଉଚିତ୍ । ଏକଥା ଅନ୍ୟମାନଙ୍କୁ ମଧ୍ୟ ଜଣାଇ ସମସ୍ତଙ୍କ ତୁଣ୍ଡରୁ ପରମ ପବିତ୍ର ପରିଶୁଦ୍ଧ ଭଗବଦ୍ଗୀତା ଶୁଣାଇ ଗୀତାକୁ ସମ୍ମାନ ଦେବା ।

ପରମ ପବିତ୍ର ପରିଶୁଦ୍ଧ ଭଗବଦ୍ଗୀତା କେବଳ ଦୈବଜ୍ଞାନକୁ ଜଣାଇଥାଏ । ଗୀତା କୌଣସି ମତ (ଧର୍ମ) ସମ୍ବନ୍ଧୀୟ ନୁହେଁ । ତେଣୁ ମଣିଷ ଭିତରେ ଥିବା ସମସ୍ତ ମତର ସାରାଂଶ ଭଗବଦ୍ଗୀତାରେ ଅଛି । ଗୀତା ସର୍ବ

ମାନବଜାତି ପାଇଁ ଦୈବସନ୍ଦେଶ ହୋଇ ରହିଛି । ଗୀତାରେ କୁହାଯାଇଥିବା ଜ୍ଞାନ ବାଇବେଲ, କୋରାନରେ ଦେଖିବାକୁ ମିଳୁଛି । ଈଶ୍ୱରଙ୍କ ଦ୍ୱାରା ଦୁଇ ଥର କୁହାଯାଇଥିଲା ଏହି ଏକୈକ ଭଗବଦ୍ଗୀତା । ଭଗବଦ୍ଗୀତାକୁ ଯେତେ ପରିଶୀଳନ କଲେ ମଧ୍ୟ ସେଥିରୁ କେବଳ ଜ୍ଞାନ ଦୃଷ୍ଟିଗୋଚର ହୋଇଥାଏ ସିନା, କୌଣସି ମତ ଦେଖିବାକୁ ମିଳି ନଥାଏ । ତେଣୁ ଭଗବଦ୍ଗୀତାକୁ ମତାତୀତ ଗ୍ରନ୍ଥ କହିପାରିବା । ମୁଖ୍ୟ ବିଷୟ ହେଉଛି ଯେତେବେଳେ ସୂର୍ଯ୍ୟ ସୃଷ୍ଟି ଆଦିରେ ପ୍ରଥମକରି ଭଗବଦ୍ଗୀତା ଶୁଣିଥିଲେ, ସେତେବେଳେ ଭୂପୃଷ୍ଠରେ କୌଣସି ମତ (ଧର୍ମ) ନଥିଲା । କାଳକ୍ରମେ ମାୟାପ୍ରଭାବ ଦ୍ୱାରା ମଣିଷ ଭିତରେ ମତ ସ୍ଥାନ ପାଇଲା । ଦୈବଜ୍ଞାନର ବ୍ୟତିରେକ ଭାବରେ ମାୟା ତାର ଜ୍ଞାନକୁ ଦୈବଜ୍ଞାନ ଭାବରେ ପ୍ରଚାର କରିଥାଏ, ତେଣୁ ମଣିଷ କଣ ଦୈବଜ୍ଞାନ, କଣ ମାୟାଜ୍ଞାନ ଜାଣି ନପାରିବା ଭଳି ମାୟା ହିଁ ଏହି କାର୍ଯ୍ୟ କରାଇଛି, ଏହିଭଳି ପରିସ୍ଥିତିରେ ଦୈବଜ୍ଞାନ ଉପରେ ଶ୍ରଦ୍ଧା ଥିବା ଲୋକମାନେ କଣ ଦୈବଜ୍ଞାନ, କଣ ମାୟାଜ୍ଞାନ ପ୍ରମାଣିତ କରି ଜାଣିପାରିବା ସୁଯୋଗ ମଧ୍ୟ ରହିଛି । ମଣିଷକୁ ଈଶ୍ୱରଙ୍କ ଦିଗରେ ଯିବାରୁ ବଞ୍ଚିତ କରାଇବା ପାଇଁ ମାୟା ଅନେକ ସ୍ୱାମୀଜୀମାନଙ୍କ ଦ୍ୱାରା ନିଜର ମାୟାଜ୍ଞାନ ପ୍ରଚାର କରୁଛି । ମାୟାଜ୍ଞାନକୁ ପ୍ରଚାର କରୁଥିବା ଲୋକମାନଙ୍କ ନାଆଁ ପଛରେ ବଡ ବଡ ଉପାଧି ରଖି, ସେମାନଙ୍କୁ ପ୍ରଜାମାନେ ବିଶ୍ୱାସ କରିବା ଭଳି କରାଉଛି । ପରମାତ୍ମା ଅନେକ ହଜାର ବର୍ଷ ପରେ ଥରେ ଥରେ ଭୂପୃଷ୍ଠକୁ ଭଗବାନ ହୋଇ ଆସି ତାଙ୍କ ଜ୍ଞାନ କହିଥାନ୍ତି । ଭଗବାନ ଭୂପୃଷ୍ଠରେ ଯେତେବେଳେ ଜ୍ଞାନ କହନ୍ତି ସେତେବେଳେ ପ୍ରଜାମାନେ ତାହା ଜାଣିବାକୁ ସୁଯୋଗ ପାଇଥାନ୍ତି । ସେଥିଲାଗି ଭଗବାନଙ୍କୁ କେହି ଚିହ୍ନି ନ ପାରନ୍ତୁ, ସମସ୍ତେ ମାୟା ଜ୍ଞାନରେ ଭ୍ରମିତ ହୁଅନ୍ତୁ ବୋଲି ମାୟା ଭଗବାନ ନାମରେ ଅନେକ ଲୋକଙ୍କୁ ଭୂପୃଷ୍ଠରେ ଛିଡା କରାଇଥାଏ, ଅନେକଙ୍କ ନାଆଁରେ ଭଗବାନ ପଦକୁ ଯୋଡିଥାଏ । ସେଥିଲାଗି ଅନେକ ଲୋକ

ଭଗବାନ ନାମରେ ପରିଗଣିତ ହୋଇ ଭୂପୃଷ୍ଠରେ ମାୟାଜ୍ଞାନର ବିସ୍ତାର କରିଥାନ୍ତି । ସବୁ ସମୟରେ ଭଗବାନ ନାମରେ ଭୂପୃଷ୍ଠରେ କେହିନା କେହି ରହିବା ଦ୍ୱାରା ହଜାର ହଜାର ବର୍ଷ ପରେ ଭୂପୃଷ୍ଠକୁ ଥରେ ଆସୁଥିବା ପ୍ରକୃତ ଭଗବାନଙ୍କୁ କେହି ଚିହ୍ନିପାରନ୍ତି ନାହିଁ । ତେଣୁ ଆଜି ଭୂପୃଷ୍ଠରେ କୁହାଯାଉଥିବା ନାନାବିଧ ଜ୍ଞାନ ଭିତରୁ କାହାର ଜ୍ଞାନ ପ୍ରକୃତ ଜ୍ଞାନ ତାହା ଜାଣି ନପାରିବା ଭଳି ପରିସ୍ଥିତି ଉପୁଜିଛି । ଏହିଭଳି ମାୟା ମଣିଷ ଭିତରେ ରହି ଅନେକଙ୍କୁ ଗୁରୁ ସଜାଇ  ସେମାନଙ୍କ ଦ୍ୱାରା ମାୟାଜ୍ଞାନ ପ୍ରଚାର କରାଉଛି ।

(**ସୂଚନା:-** ମତ ଲେଖି ବନ୍ଧନୀ ଭିତରେ ଧର୍ମ ଲେଖିଛୁ । ଆମେ ଯାହାକୁ ଆମର ଧର୍ମ କହୁଛେ ବାସ୍ତବରେ ତାହାକୁ ଆମେ ମତ କହିବା ଉଚିତ୍ । ଧର୍ମ ସର୍ବ ମାନବଜାତି ପାଇଁ ସମାନ ହୋଇଥିବା ବେଳେ ଆମେ ତିଆରି କରିଥିବା ରୀତିନୀତିରେ ଦଳୀୟ ଜୀବନ ବଞ୍ଚି ତାହାକୁ ଧର୍ମ କହିବା ଯଥାର୍ଥ ହୋଇନଥାଏ, ତେଣୁ ତାହା ଆମେ ତିଆରି କରିଥିବା ନିୟମ ବା ଆମର ମତ । ସେଥିଲାଗି ଧର୍ମ ବଦଳରେ ମତ ବୁଝିବା ଉଚିତ୍ । - ଅନୁବାଦକ)

ମାୟା ନିଜର ଜ୍ଞାନକୁ ମାନବ ଭିତରକୁ ପଠାଇ, ମାନବ ଦୈବଜ୍ଞାନକୁ ଭୁଲିଯିବା ଭଳି କରିବା ପାଇଁ ପ୍ରଥମେ ଆୟୁଧ ଭାବରେ "ମତ" (ଧର୍ମ)କୁ ପ୍ରବେଶ କରାଇଛି । ମାୟା ପ୍ରଥମେ ଏହି ମତକୁ କେତେ ଚାତୁର୍ଯ୍ୟରେ ମଣିଷ ଭିତରେ ପ୍ରବେଶ କରାଇଛି ସେ ବାବଦରେ ଟିକିଏ ଜାଣିବା । ଈଶ୍ୱର ସୃଷ୍ଟି ପ୍ରାରମ୍ଭରେ ତାଙ୍କ ଜ୍ଞାନକୁ ସୂର୍ଯ୍ୟଙ୍କ ଦ୍ୱାରା ମଣିଷ ମଧ୍ୟରେ ପ୍ରବେଶ କରାଇଛନ୍ତି । କୌଣସି ମଣିଷ ହେଉ, କୌଣସି ଜୀବ ହେଉ **ମୋକ୍ଷ** ନାମକ ଲକ୍ଷ୍ୟରେ ପହଞ୍ଚିବାକୁ ମୁଁ କହିଥିବା ମାର୍ଗ ବ୍ୟତୀତ ଅନ୍ୟ ମାର୍ଗ ନାହିଁ ବୋଲି ଜଣାଇଛନ୍ତି । ଯଦି ଲକ୍ଷ୍ୟ  ଅଛି  ତେବେ ରାସ୍ତା ନିଶ୍ଚୟ ଅଛି  ! ଈଶ୍ୱର ବା ପରମାତ୍ମାରେ ପ୍ରବେଶ କରିବା ପାଇଁ ବା  ମୋକ୍ଷ ପାଇବା ପାଇଁ  ଈଶ୍ୱରଙ୍କ ଦ୍ୱାରା ନିର୍ଣ୍ଣୟ ହୋଇଥିବା ମାର୍ଗକୁ ଜ୍ଞାନମାର୍ଗ

କୁହାଯାଏ । ଜ୍ଞାନମାର୍ଗକୁ ଜ୍ଞାନପଥ ମଧ୍ୟ କହୁଛେ । ପଥ କହିଲେ ମାର୍ଗ । ପୂର୍ବେ ଏହି ଜ୍ଞାନ ପଥରେ ଚାଲିବାକୁ ବଡମାନେ ପ୍ରାଧାନ୍ୟ ଦେଉଥିଲେ । ଯିଏ ଦୈବଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ଜାଣୁଥିଲା ତାକୁ ଜ୍ଞାନ ପଥରେ ବା ଜ୍ଞାନ ମାର୍ଗରେ କିମ୍ବା ଐଶ୍ୱରୀୟ ମାର୍ଗରେ ଅଛି ବୋଲି ଅନ୍ୟମାନେ କହୁଥିଲେ । ଅନ୍ୟ ମତଗୁଡିକରେ ମଧ୍ୟ ଏହି ଜ୍ଞାନମାର୍ଗ ରହିଛି । ଜ୍ଞାନମାର୍ଗ ଅତି ବିଶାଳ ବୋଲି ମଧ୍ୟ ପୂର୍ବେ କହୁଥିଲେ । ଭଗବଦ୍ଗୀତାର ରାଜବିଦ୍ୟା ରାଜଗୁହ୍ୟ ଯୋଗ ନାମକ ଅଧ୍ୟାୟର ୨୩ତମ ଶ୍ଳୋକରେ ମଧ୍ୟ ଇତର ଦେବତାମାନଙ୍କୁ ପୂଜା କରୁଥିବା ଲୋକ ପଥଭ୍ରଷ୍ଟ ହୋଇ ଚାଲିଥାଏ ବୋଲି ସ୍ପଷ୍ଟ ଭାବରେ କହିଛନ୍ତି । ଈଶ୍ୱର ମଣିଷର ଲକ୍ଷ୍ୟ ହୋଇଥିବା ବେଳେ, ସେହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ନିଶ୍ଚୟ ମାର୍ଗ ରହିଛି, ସେହି ମାର୍ଗକୁ ହିଁ ଜ୍ଞାନମାର୍ଗ କହୁଥିଲେ । ଏହି ଜ୍ଞାନ ନାମକ ପଥ ବାବଦରେ କହିଲେ, ଜ୍ଞାନ ଦୁଇ ପ୍ରକାରର ରହିଛି । ଗୋଟିଏ ହେଉଛି ଦୈବଜ୍ଞାନ (ପରମାତ୍ମାଜ୍ଞାନ ବା ଐଶ୍ୱରୀୟ ଜ୍ଞାନ), ଅନ୍ୟଟି ଭୌତିକଜ୍ଞାନ ବା ପ୍ରକୃତିଜ୍ଞାନ । ମାର୍ଗ ବା ପଥ ଗୋଟିଏ ଅର୍ଥ ହୋଇଥିଲେ ହେଁ ଜ୍ଞାନ ଦୁଇ ପ୍ରକାରର ଥିବାରୁ ଦୈବଜ୍ଞାନକୁ, ଭୌତିକଜ୍ଞାନକୁ ଅଲଗା ଅଲଗା ଚିହ୍ନିବା ପାଇଁ ଦୈବଜ୍ଞାନ ପାଇଁ **"ଇନ୍ଦୁ"** ନାମକ ପଦର ବ୍ୟବହାର କରୁଥିଲେ । ଇନ୍ଦୁ କହିଲେ ଚନ୍ଦ୍ର । ଜ୍ୟୋତିଷଶାସ୍ତ୍ର ଅନୁସାରେ ଜ୍ଞାନର ଅଧିପତି ଚନ୍ଦ୍ରଗ୍ରହ, ସେହିଭଳି ଭୌତିକ ଜ୍ଞାନର ଅଧିପତି ଗୁରୁଗ୍ରହ । ତେଣୁ ଏଠାରେ ଦୈବଜ୍ଞାନକୁ ସ୍ୱତନ୍ତ୍ର ଭାବରେ ଚିହ୍ନିବାପାଇଁ ଦୈବଜ୍ଞାନର ଅଧିପତି ହୋଇଥିବା ଚନ୍ଦ୍ରଙ୍କ ନାମକୁ ଜ୍ଞାନ ଆଗରେ ରଖିଥିଲେ । ଚନ୍ଦ୍ରଙ୍କୁ ଇନ୍ଦୁ କହନ୍ତି । ତେଣୁ ଜ୍ଞାନ ପଥରେ ବା ଜ୍ଞାନ ମାର୍ଗରେ ଥିବା ବ୍ୟକ୍ତିକୁ ଇନ୍ଦୁ ପଥରେ ଅଛି ବୋଲି କହୁଥିଲେ । ପୂର୍ବେ ଇନ୍ଦୁପଥ ନାମର ପ୍ରାଧାନ୍ୟ ଥିଲା । କଥା ପ୍ରସଂଗରେ ଇନ୍ଦୁପଥ ନାମକ ପଦର ବ୍ୟବହାର ବହୁଳ ଭାବରେ କରୁଥିଲେ । ସେତେବେଳେ ଦୈବଜ୍ଞାନ ଜାଣିଥିବା ଲୋକମାନଙ୍କୁ ଇନ୍ଦୁପଥର ଲୋକେ ବୋଲି କହୁଥିଲେ ।

ଈଶ୍ୱରଙ୍କ ଦ୍ୱାରା ତିଆରିହୋଇ, ଈଶ୍ୱରଙ୍କଠାରୁ ଶକ୍ତିପାଇ, ଈଶ୍ୱରଙ୍କ ଆଜ୍ଞା ଅନୁସାରେ ଚାଲୁଥିବା ମାୟାକୁ ଏଇଠାରେ ହିଁ ବଡ ଆୟୁଧଟିଏ ମିଳିଗଲା, ପଥ ନାଆଁକୁ ସେ ମତ କରିଦେଲା । ଏହିଭଳି ପ୍ରଥମେ ତିଆରି ହୋଇଥିବା ମତ ସମସ୍ତଙ୍କଠାରେ ବ୍ୟାପିଯାଇ ସେଦିନ ଇନ୍ଦୁପଥରେ ଥିବା ଲୋକମାନେ ନିଜକୁ ଆମେ ଇନ୍ଦୁମତର ବୋଲି କହିବା ଭଳି କରିଦେଲା । ସେ କାଳରେ ସାରା ଭାରତ ଦେଶରେ ଦୈବଜ୍ଞାନ ଜାଣିଥିବା ଲୋକମାନେ ଥିଲେ । ସେଥିଲାଗି ଭାରତକୁ ଇନ୍ଦୁଦେଶ କୁହାଯାଉଥିଲା । ସେଦିନରୁ ଆଜିଯାଏଁ ପୃଥିବୀର ପ୍ରଥମ ଇନ୍ଦୁଦେଶ ହେଉ କି ଅନ୍ତିମ ଇନ୍ଦୁଦେଶ ହେଉ ଯଦି କୌଣସି ଦେଶଟିଏ ଅଛି ବୋଲି କହିବା ତେବେ ସେ ନାମ ହେବ ଏକୈକ ଭାରତଦେଶ । ତେଣୁ ମାୟା ମଧ୍ୟ କେବଳ ଇନ୍ଦୁଦେଶ ଉପରେ ତାର ଦୃଷ୍ଟିନିକ୍ଷେପ କରିଥିଲା । ସେଥିଲାଗି ମାୟା ତାର ଅସ୍ତ୍ରକୁ ଇନ୍ଦୁଦେଶ ହୋଇଥିବା ଭାରତ ଉପରେ ପ୍ରୟୋଗ କରିଥିଲା । ମତ ନାମକ ମାୟାର ଅସ୍ତ୍ର ବ୍ରହ୍ମାସ୍ତ୍ର ଭଳି କାର୍ଯ୍ୟକରି କେତେବଡ ଦୈବଜ୍ଞାନୀ ମଧ୍ୟ ନିଜକୁ ମୁଁ ଏକ ମତ ଭିତରେ ଅଛି କହିବା ଭଳି କରିଦେଲା । ଅତି ଚତୁରତାରେ ପଥକୁ ମତରେ ବଦଳାଇ ଦେଇଥିବା ମାୟା ଏତିକିରେ ଅଟକି ନଯାଇ ତାର ଆଉଏକ ଅସ୍ତ୍ରକୁ ମଧ୍ୟ ପ୍ରୟୋଗ କରିଥିଲା । ତାହା ହେଉଛି !

ଇନ୍ଦୁ କହିଲେ ଚନ୍ଦ୍ର । ଚନ୍ଦ୍ର ବା ଇନ୍ଦୁ କହୁକହୁ ଜାଣିହୋଇଯାଏ ସେ ଜଣେ ଦୈବଜ୍ଞାନୀ, ତେଣୁ ଦୈବଜ୍ଞାନର ନାମ ଯଦି ମତ ଆଗରୁ ରହିବ ହୁଏତ କେହି ମତକୁ ପଥ ଭାବରେ ବଦଳାଇଦେବ, ସେତେବେଳେ ପ୍ରଥମେ ଥିବା ଇନ୍ଦୁପଥ ପୁଣି ଚାଲିଆସିବ ବୋଲି ବିଚାର କରିଥିବା ମାୟା ମତ ଆଗରୁ ଥିବା ଇନ୍ଦୁ ପଦକୁ ବଦଳାଇଦେବାକୁ ଭାବିଲା । ପଥକୁ ସହଜ ଭାବରେ ମତ କରିଦେଇଥିବା ମାୟା, ଇନ୍ଦୁ ନାମକ ପଦକୁ ମଧ୍ୟ ହିନ୍ଦୁ ପଦ କରିଦେଲା । ତାଦ୍ୱାରା ଇନ୍ଦୁପଥ ସଂପୂର୍ଣ୍ଣ ହିନ୍ଦୁମତ (ହିନ୍ଦୁଧର୍ମ) ହୋଇଗଲା । ଇନ୍ଦୁ ଶବ୍ଦଟି ହିନ୍ଦୁ, ପଥ ଶବ୍ଦଟି ମତ ଭାବରେ ବଦଳିଯିବା ଦ୍ୱାରା ସମସ୍ତେ

ଇନ୍ଦୁପଥକୁ ହିନ୍ଦୁମତ ଭାବିବାକୁ ଲାଗିଲେ । ମଣିଷକୁ ଇନ୍ଦୁପଥରୁ ହିନ୍ଦୁମତ ଭିତରକୁ ଟାଣିଆଣିଥିବା ମାୟା, ମଣିଷ ଭିତରେ ଦୈବଜ୍ଞାନ ନରହିବା ଭଳି କରି, ନିଜ ଜ୍ଞାନକୁ ବା ମାୟାଜ୍ଞାନକୁ ମଣିଷ ଦୈବଜ୍ଞାନ ଭାବିବା ଭଳି କରିଦେଲା । ତେଣୁ ଆଜି ଯଦି ମଣିଷର ଭକ୍ତି, ଜ୍ଞାନ ଅଛି ତାହା ମାୟା ସମ୍ବନ୍ଧୀୟ ଜ୍ଞାନ ବୋଲି କହିପାରିବା । ହିନ୍ଦୁମତ ଶହେରୁ ୯୮ ଭାଗ ମାୟା ଜ୍ଞାନରେ ବୁଡିରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅନ୍ୟ ମତଗୁଡିକରେ କିଛି ପରିମାଣରେ ଦୈବଜ୍ଞାନ ଥିଲେ ମଧ୍ୟ ମାୟା ସେମାନଙ୍କୁ ମଧ୍ୟ କବ୍ଜା କରିନେଇଛି ବୋଲି ଜଣାଯାଉଛି; ତଥାପି ଅନ୍ୟ ମତଗୁଡିକରେ ଲୋକେ କିଛି ପରିମାଣରେ ସଠିକ ମାର୍ଗରେ ଚାଲୁଛନ୍ତି । କାରଣ ! ଆଜି ହିନ୍ଦୁମତର ଲୋକମାନେ ଦୈବମାର୍ଗରେ ନରହି ମାୟାମାର୍ଗରେ ଅଛନ୍ତି ଏବଂ ଐଶ୍ୱରୀୟ ବିଷୟରେ ଅତି ହୀନ ହୋଇପଡିଛନ୍ତି ବୋଲି କହିବାକୁ ଅନେକ କାରଣ ରହିଛି ।

ମୁଖ୍ୟତଃ ରହିଥିବା ହିନ୍ଦୁ, ଇସ୍ଲାମ, ଖ୍ରୀଷ୍ଟ ନାମକ ପଥଗୁଡିକ ନିଜ ନିଜ ନାମରେ ରହିବା ସହିତ ମତଗୁଡିକର ନାମରେ କଥିତ ହେଉଛନ୍ତି । ତିନି ମତରେ ପ୍ରକୃତ ଈଶ୍ୱରଜ୍ଞାନ ଥିଲେ ମଧ୍ୟ ମାୟାର ମତ ପ୍ରଭାବ ଦ୍ୱାରା ସବୁ ମତରେ ଏକେଶ୍ୱର ଉପାସନା କୁହାଯାଇଛି ବୋଲି ମଣିଷକୁ ଅଜଣା ରହିଯାଇଛି । କ୍ରୈସ୍ତବମାନେ ଆମ ଆରାଧ୍ୟ ବୋଲି ଈଶ୍ୱରଙ୍କୁ "ୟହୋବା" ନାମରେ କହୁଛନ୍ତି । ମୁସ୍ଲିମମାନେ ସେମାନଙ୍କ ଆରାଧ୍ୟ "ଅଲ୍ଲାଃ" ବୋଲି କହୁଛନ୍ତି । ହିନ୍ଦୁମାନଙ୍କ କଥା ଦେଖିଲେ ସେମାନେ ଈଶ୍ୱର କିଏ ବୋଲି ମଧ୍ୟ ଜାଣିବା ସ୍ଥିତିରେ ନାହାନ୍ତି । ମତ ନାମକ ମାୟା ସମସ୍ତଙ୍କର ଈଶ୍ୱର ଜଣେ, ସମସ୍ତଙ୍କର ସୃଷ୍ଟିକର୍ତ୍ତା ଜଣେ, ସୃଷ୍ଟି ଆଦିରୁ ଅନ୍ତ ପର୍ଯ୍ୟନ୍ତ ସମସ୍ତଙ୍କର ଅଧିପତି ଜଣେ, ସେହି ଅଧିପତି ହିଁ ଈଶ୍ୱର, ତାଙ୍କୁ ହିଁ ପରମେଶ୍ୱର କୁହାଯାଏ, ତାଙ୍କରି ଉପାସନା ହିଁ ଏକେଶ୍ୱର ଉପାସନା ବୋଲି ଅଜଣା ରଖିଦେଇଛି । ଆମ ଈଶ୍ୱର ଅନ୍ୟମାନଙ୍କ ଈଶ୍ୱରଙ୍କଠାରୁ ମହାନ ବୋଲି ମାୟା ସବୁ ମତର

ଲୋକମାନଙ୍କ ଭିତରେ ଭାବନା ରହିବା ଭଳି କରିଦେଇଛି । ଏଭଳି ଭାବିବା ହିଁ ବଡ ମାୟା ବୋଲି ମଣିଷ ଜାଣିପାରୁ ନାହିଁ । ତାଛଡା ମଣିଷ ଭିତରେ ଆଉ ଏକ ଭାବ ରହିବା ଭଳି ମଧ୍ୟ କରିଛି । ତାହା ହେଉଛି ! ଆମେ ଖ୍ରୀଷ୍ଟିଆନ ବୋଲି କହୁଥିବା ଲୋକମାନେ ସେମାନଙ୍କ ବାଇବେଲ ବାବଦରେ, ଯୀଶୁଙ୍କ ବାବଦରେ କଥା କହିଲେ ଭାରି ଖୁସିରେ ଶୁଣନ୍ତି, କିନ୍ତୁ ଭଗବଦ୍ଗୀତା ବାବଦରେ କହିଲେ କି ଶ୍ରୀକୃଷ୍ଣଙ୍କ ବାବଦରେ କହିଲେ ଶୁଣନ୍ତି ନାହିଁ । ଖାଲି ସେତିକି କାହିଁକି ! ଗୀତା ବାବଦରେ, ଶ୍ରୀକୃଷ୍ଣଙ୍କ ବାବଦରେ ବ୍ୟତିରେକ କଥାବାର୍ତ୍ତା ମଧ୍ୟ କରନ୍ତି, ସେମାନଙ୍କର ଏଭଳି ଆଚରଣ ପଛରେ କେଉଁ କାରଣ ରହିଛି ଜାଣନ୍ତି ! ମାୟା ମତ ନାମକ ମୁଖା ସମସ୍ତଙ୍କୁ ପିନ୍ଧାଇ, ଈଶ୍ୱରଙ୍କୁ, ଦୈବଜ୍ଞାନକୁ ପରିମିତ କରି ଦେଖାଉଛି । ତେଣୁ ଈଶ୍ୱର ପୂର୍ବରୁ ହିଁ ଅଛନ୍ତି, ସେ କଳିଯୁଗରେ ଯୀଶୁଙ୍କ ରୂପରେ ଆସିଥିବା ଭଳି, ଅନ୍ୟ ମତଗୁଡିକରେ ମଧ୍ୟ ଅନ୍ୟ କୌଣସି ରୂପରେ ଆସିଥାଇ ପାରନ୍ତି ବୋଲି ମଣିଷକୁ ବିଚାର ରହିତ କରିଦେଉଛି । ମାୟା ତିଆରି କରିଥିବା ମତ ପରିଧିକୁ ଅତିକ୍ରମ କରି, ବିଶାଳ ଭାବରେ ଥିବା ଈଶ୍ୱରଙ୍କୁ ମଣିଷ ଯଦି ଜାଣିଯିବ ତେବେ ତାର କାର୍ଯ୍ୟ ଅଟକିଯିବ ବୋଲି ମାୟା ତା କାର୍ଯ୍ୟ କଦାପି ଅଟକି ନଯାଉ, ସେଥିଲାଗି ଅତି କୁଶଳତାର ସହିତ କାର୍ଯ୍ୟ କରି ରଖିଛି, ତେଣୁ ମାୟା ପ୍ରଭାବରେ ପ୍ରଭାବିତ ହେଉଥିବା ଲୋକମାନେ ଆମେ ଇତର ମତର ପୁସ୍ତକ ପଢିବୁ ନାହିଁ, ଅନ୍ୟମାନଙ୍କ ବାଣୀ ଶୁଣିବୁ ନାହିଁ ବୋଲି କହୁଛନ୍ତି । ପ୍ରକୃତରେ ସ୍ୱାମୀକୁ ଖୁବ୍ ଭଲପାଉଥିବା ସ୍ତ୍ରୀ ବାହାରେ ଅନ୍ୟପୁରୁଷକୁ ଦେଖିଲେ କଣ ତାସହିତ ପଳାଇବ ! କେବେ ଯିବନାହିଁ, ସେହିଭଳି ଯଦି କୌଣସି ମତର ଲୋକେ ସେମାନଙ୍କ ମତରେ ଥିବା ଈଶ୍ୱରଙ୍କୁ ଯଦି ସଂପୂର୍ଣ୍ଣ ବିଶ୍ୱାସ କରୁଛନ୍ତି, ସେମାନେ ଅନ୍ୟ ମତର ପୁସ୍ତକ ପଢନ୍ତୁ କି ବାଣୀ ଶୁଣନ୍ତୁ ସେମାନେ କଣ ଈଶ୍ୱରଙ୍କୁ ଛାଡିପାରିବେ ! ନିଜ ସ୍ୱାମୀ ଉପରେ ଭରସା ରଖିନଥିବା ସ୍ତ୍ରୀ ଯଦି ଅନ୍ୟ ପୁରୁଷକୁ ଦେଖେ,

ସେତେବେଳେ  ହୁଏତ ତାର ବିଶ୍ବର ବଦଳିଯାଇ ପାରେ, ତେଣୁ ସେ ସତର୍କ ରହିବାକୁ ଚେଷ୍ଟା କରିବ । ସେହିଭଳି ନିଜ ମତରେ ଥିବା ଈଶ୍ୱରଙ୍କୁ ବିଶ୍ୱାସ କରୁନଥିବା ଲୋକ, ଅନ୍ୟ ମତର ପୁସ୍ତକ ପଢିଲେ, ବାଣୀ ଶୁଣିଲେ ହୁଏତ ମୁଁ ବଦଳିଯାଇ ପାରେ ବୋଲି ତାଠାରେ ଭୟ ରହିଥାଏ । ସେଥିଲାଗି ଏହିଭଳି ଥିବା ଲୋକମାନେ ଅନ୍ୟେ ମତରେ ଥିବା ଦୈବଗ୍ରନ୍ଥକୁ, ବାଣୀକୁ ପଢନ୍ତି ନାହିଁ କି ଶୁଣନ୍ତି ନାହିଁ ।

ହିନ୍ଦୁମତ ବିଷୟକୁ ଆସି ଦେଖିଲେ, ସେମାନେ ଜଣେ ଈଶ୍ୱରଙ୍କୁ ବିଶ୍ୱାସ ନକରି ଅନ୍ୟ ଦେବତାମାନଙ୍କୁ ଈଶ୍ୱରଙ୍କ ସ୍ଥାନଦେଇ ଆରାଧନା କରୁଛନ୍ତି । ଜଣେ ଈଶ୍ୱରଙ୍କ ଆରାଧନା ନକରି ନାନା ଦେବତାର ଆରାଧନା କରୁଥିବାରୁ ଅନ୍ୟ ମତର ଈଶ୍ୱରଙ୍କ ଉପରେ ଏମାନଙ୍କର ମଧ୍ୟ ସେତେ ଘୃଣା ଭାବ ନଥାଏ । ତେଣୁ ସେମାନଙ୍କୁ ଖ୍ରୀଷ୍ଟିଆନମାନେ ସେମାନଙ୍କ ପୁସ୍ତକ ପଢିବାକୁ ଦେଲେ ମନାକରନ୍ତି ନାହିଁ, ଆଣନ୍ତି, ପଢନ୍ତି, ଖ୍ରୀଷ୍ଟିଆନମାନେ ସେମାନଙ୍କ ବାଣୀ ବୋଧକଲେ ଶୁଣନ୍ତି ମଧ୍ୟ । ସେମାନଙ୍କ ପୁସ୍ତକ ପଢି, ସେମାନଙ୍କ ବାଣୀ ଶୁଣି, ସେମାନଙ୍କ ମତକୁ ସ୍ୱୀକାର କରି  ଖ୍ରୀଷ୍ଟିଆନ  ହୋଇଯାଇଥିବା ହିନ୍ଦୁମାନେ ଆଜି ଅନେକ ଅଛନ୍ତି । ଏସବୁକୁ ଦେଖୁଥିବା ହିନ୍ଦୁମତର ଗୁରୁମାନେ, ସ୍ୱାମୀଜୀମାନେ, ପିଠାଧିପତିମାନେ ଅନ୍ୟ କାହାକଥା ଶୁଣିବା ଉଚିତ୍ ନୁହେଁ, ଅନ୍ୟମାନେ ଦେଉଥିବା ପୁସ୍ତକ ପଢିବା ଉଚିତ୍ ନୁହେଁ ବୋଲି ସେମାନଙ୍କ ବାଣୀବୋଧ କାର୍ଯ୍ୟକ୍ରମରେ କହିବାକୁ ଲାଗିଲେଣି । ହିନ୍ଦୁ ମତରେ ଦ୍ୱୈତ, ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିଏ ରହି ହିନ୍ଦୁ ମତକୁ ଭାଗ  ଭାଗ କରି ଦେଉଛି । ତାଛଡା ହିନ୍ଦୁମତରେ ଅଚଳ ସମାଜ, ବ୍ରହ୍ମକୁମାରୀ ସମାଜ, ସିଦ୍ଧ ସମାଜ, ପିରାମିଡ୍ ସମାଜ ଏଭଳି ଅନେକ ସମାଜ ରହିଛି । ହିନ୍ଦୁମତରେ ଥିବା ସମାଜଗୁଡିକ ସେମାନଙ୍କ ସମାଜକୁ ବଳହୀନତାରୁ ରକ୍ଷା କରିବା ପାଇଁ  ଚେଷ୍ଟା କରୁଛନ୍ତି, ସେମାନେ ସେମାନଙ୍କ ଦଳର ଲୋକେ ହୁଏତ

ସେମାନଙ୍କ ସମାଜରୁ ବାହାରକୁ ଚାଲିଯିବେ ବୋଲି ଭୟରେ ତୁମେମାନେ ଏ ସମାଜରେ ରହି ଅନ୍ୟମାନଙ୍କ ପୁସ୍ତକ ପଢିବା ଉଚିତ ନୁହେଁ, ସେମାନଙ୍କ ବାଣୀ ଶୁଣିବା ଉଚିତ ନୁହେଁ ବୋଲି ନିୟମ ରଖିଲେଣି । ଏକଥା କେମିତି ଲାଗୁଛି ଜାଣନ୍ତି ! ଅସୁନ୍ଦର ପତି ତାଠାରୁ ସୁନ୍ଦର ପୁରୁଷକୁ ଦେଖି ହୁଏତ ତାର ସ୍ତ୍ରୀ ତା ସାଥିରେ ପଳାଇଯିବ ବୋଲି ଭୟରେ ତାକୁ "ତୁ ଆଉ କେଉଁ ପୁରୁଷକୁ ଦେଖିବା ଉଚିତ୍ ନୁହେଁ" ବୋଲି ଆଦେଶ ଦେବା ଭଳି, ହିନ୍ଦୁମତର କେତେକ ଗୁରୁମାନେ, ସ୍ୱାମୀଜୀମାନେ ସେମାନଙ୍କ ଭକ୍ତମାନଙ୍କୁ, ଶିଷ୍ୟମାନଙ୍କୁ ତୁମେମାନେ ଅନ୍ୟ ମତର ପୁସ୍ତକ ପଢ ନାହିଁ, ବାଣୀ ଶୁଣ ନାହିଁ ବୋଲି ଆଦେଶ ଦେଉଛନ୍ତି । ଏହିଭଳି ମୋ' ମତ ନାମକ ସଙ୍କୁଚିତ ଭାବ, ମୋ ଜ୍ଞାନ ନାମକ ସ୍ୱାର୍ଥଭାବ ମତ ଭିତରେ, ଭକ୍ତ ସମାଜରେ ରହିବାକୁ ଲାଗିଲାଣି । ଆଜି ଏହା ଖୁବ୍ ବଢିଯାଇଛି । ଖ୍ରୀଷ୍ଟିଆନମାନେ ଦେଉଥିବା ପୁସ୍ତକ ହିନ୍ଦୁମାନେ ଖୁସିରେ ପଢୁଛନ୍ତି । ତୁମେମାନେ ଦେଉଥିବା ପୁସ୍ତକ ଆମେ କାହିଁକି ପଢିବୁ ବୋଲି ମଧ୍ୟ କହନ୍ତି ନାହିଁ, କିନ୍ତୁ ହିନ୍ଦୁମତ ସମ୍ବନ୍ଧୀୟ ପୁସ୍ତକ ସେମାନଙ୍କୁ ଦେଲେ ସେମାନେ କୌଣସି ମୁହଁ ଉପର୍ଦ୍ଧ ନରଖି ଆମେ ତୁମମାନଙ୍କ ପୁସ୍ତକ ପଢିବୁ ନାହିଁ ବୋଲି କହୁଛନ୍ତି । ଏହା କଣ ମାୟା ପ୍ରଭାବ ନୁହେଁ ?

ସାରା ବିଶ୍ୱକୁ ତିଆରି କରିଥିବା, ସାରା ବିଶ୍ୱକୁ ଅନ୍ତ କରିଦେଇ ପାରୁଥିବା, ସର୍ବମାନବର ଅଧିପତି ହୋଇଥିବା, ପ୍ରତ୍ୟେକ ମତର ନାୟକ ହୋଇଥିବା ଈଶ୍ୱର ହିଁ ସୃଷ୍ଟିକରିଛନ୍ତି ମତ ଭିତରେ ଥିବା ଦୈବଗ୍ରନ୍ଥ ବା ଐଶ୍ୱରୀୟ ଗ୍ରନ୍ଥ । ତାହାକୁ ମଣିଷ ମତଗ୍ରନ୍ଥ କହିଲେ ମଧ୍ୟ, ତାହା ହିଁ ମଣିଷ ପାଇଁ ପଥଗ୍ରନ୍ଥ । ପଥଗ୍ରନ୍ଥ ଗୁଡିକ ହେଉଛି ଭଗବଦ୍ଗୀତା, ବାଇବେଲ, କୋରାନ । ଈଶ୍ୱର ମଣିଷକୁ ଜଣାଇଥିବା ଜ୍ଞାନସମାଚାର ଏହି ତିନି ଦୈବଗ୍ରନ୍ଥରେ ରହିଛି, କିନ୍ତୁ ଈଶ୍ୱର ଜଣାଇ ଦେଇଥିବା ଜ୍ଞାନକୁ ମଣିଷ ବୁଝି ନପାରିବା ଭଳି କରିଦେଇଛି ମାୟା । ଦୈବଗ୍ରନ୍ଥରେ ମଧ୍ୟ ମାୟା ତାର ଛାୟାକୁ

ଦେଖାଇବାକୁ ପଛାଇ ନାହିଁ । ଅତି ଚତୁରତାରେ ମାୟା ଦୈବଗ୍ରନ୍ଥରେ ମଧ୍ୟ ପ୍ରବେଶ କରିଛି । ଉଦାହରଣ ଭାବରେ ଯଦି ଭଗବଦ୍ଗୀତାକୁ ନେଇ ପ୍ରକୃତ ବିଚାର କରି ଦେଖିବା ତେବେ ଜାଣିପାରିବା ଯେ, ଭଗବଦ୍ଗୀତାର ଅନେକ ଶ୍ଳୋକକୁ ମଣିଷ ବୁଝି ନପାରିବା ଭଳି ମାୟା ସେଥିରେ କାର୍ଯ୍ୟ କରିଛି । ସଂସ୍କୃତ ଶ୍ଳୋକର ବିବରଣୀ ଲେଖୁଥିବା ସ୍ୱାମୀଜୀମାନଙ୍କ ଦ୍ୱାରା ଭୁଲ୍ ବିବରଣୀ ଲେଖାଇଛି, ତଦ୍ଦ୍ୱାରା କେଉଁଠି ଅନ୍ୟତ୍ର ନଥିବା ସ୍ୱର୍ଗ, ନର୍କ ପ୍ରତ୍ୟକ୍ଷ୍ୟ ଭାବରେ ଦେଖାଯାଉଥିବା ଭଳି ମଣିଷଠାରେ ବିଶ୍ୱାସ ଆସି ଯାଇଛି । ମୋଟାମୋଟି ଭାବରେ କହିଲେ ଦୈବଗ୍ରନ୍ଥରେ ଥିବା ଜ୍ଞାନର ଭାବକୁ ମଣିଷ ମାତ୍ର ୫ପ୍ରତିଶତ ମଧ୍ୟ ବୁଝିପାରି ନାହିଁ । ଭଗବଦ୍ଗୀତାରେ ଈଶ୍ୱର କହିଥିବା ଉଦ୍ଦେଶ୍ୟର ବ୍ୟତିରେକ ଭାବ ସ୍ୱୟଂ ଈଶ୍ୱର କହିଥିବା ଭଳି ମଣିଷଠାରେ ବିଶ୍ୱାସ ଅଣାଇଛି । ତେଣୁ ହିନ୍ଦୁ ମତରେ ଭଗବଦ୍ଗୀତା ଥିଲେ ମଧ୍ୟ ସଂପୂର୍ଣ୍ଣ ଭାବ ରହିତ ହୋଇ ରହିଯାଇଛି ବୋଲି କହିପାରିବା ।

ଏବେ ବାଇବେଲ ବିଷୟ ଦେଖିଲେ, ସେଥିରେ ମଧ୍ୟ ମାୟା ଈଶ୍ୱରଙ୍କ ବାଣୀରେ ମଣିଷ ବାଣୀକୁ ରଖିଦେଇଛି । ଈଶ୍ୱରବାଣୀକୁ ମଣିଷ ବାଣୀ ସହିତ ସମାନ କରିଦେଇଛି । ଏହା ହିଁ ପ୍ରକୃତ ଈଶ୍ୱର ବାଣୀ ବା ଦୈବବାଣୀ ବୋଲି ମଣିଷ ବାଣୀକୁ ମଣିଷ ବିଶ୍ୱାସ କରିବା ଭଳି କରି ରଖିଛି । ବାଇବେଲରେ କେବଳ ଦୈବବାଣୀ ରହିଛି ସେଥିରୁ ହଳନ୍ତ ବନାନଟିଏ ମଧ୍ୟ କାଢିବା ଉଚିତ୍ ନୁହେଁ ବୋଲି ମଣିଷକୁ ଆଦେଶ ଦେଇଛି । ସେଥିଲାଗି ଖ୍ରୀଷ୍ଟିଆନମାନେ ବାଇବେଲର ଥିବା ଦୈବବାଣୀକୁ ଚିହ୍ନି ନପାରି ରହିଥିବା ସବୁ ବାଣୀକୁ ମୁଖ୍ୟ ଭାବୁଛନ୍ତି, ତଦ୍ଦ୍ୱାରା ସେମାନଙ୍କ ଅଜାଣତରେ ସେମାନେ ଦୈବବ୍ୟତିରେକ ବାଣୀକୁ ନିଜ ଭିତରେ ରଖିଛନ୍ତି । ଦୈବବାଣୀକୁ ସେମାନେ କିପରି ବୁଝିନପାରି ଓଲଟା ବୁଝିଛନ୍ତି ବାଇବେଲରୁ ଦୁଇଟି ଉଦାହରଣ ନେଇ ଦେଖିବା । ବାଇବେଲ ପଢିଥିବା ଖ୍ରୀଷ୍ଟିଆନମାନେ ମଣିଷ କେବଳ ଥରେ ଜନ୍ମ ହୋଇ ମୃତ୍ୟୁବରଣ

କରିଥାଏ, ମୃତ୍ୟୁବରଣ କରିବା ପରେ ଆଉ ଜନ୍ମହୁଏ ନାହିଁ ବା ମଣିଷର ଆଉ ପୁନର୍ଜନ୍ମ ନାହିଁ ବୋଲି ସେମାନେ କହୁଛନ୍ତି । ଏହା ସତ ବୋଲି ଅନେକ ଲୋକ ଭାବୁଛନ୍ତି ସିନା, ଏହା ଦୈବ ବ୍ୟତିରେକ କଥା ବୋଲି କେହି ଭାବୁନାହାନ୍ତି । ବାଇବେଲର ନ୍ୟୁ–ଟେଷ୍ଟାମେଣ୍ଟ୍‌ରେ ମାଥିଉଙ୍କ ଲିଖିତ ସୁସମାଚାରରେ ଥିବା ୧୨ତମ ଆଧ୍ୟାୟର ୩୨ତମ ବାକ୍ୟରେ **"ଯଦି କେହି ମନୁଷ୍ୟପୁତ୍ରଙ୍କ ବିରୁଦ୍ଧରେ କିଛି କହେ ତେବେ ତାକୁ କ୍ଷମା କରାଯାଇ ପାରେ, କିନ୍ତୁ ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ କେହି କିଛି କହିଲେ ତାକୁ ବର୍ତ୍ତମାନ ବା ଭବିଷ୍ୟତରେ କେବେହେଲେ କ୍ଷମା କରାଯିବ ନାହିଁ ।"** ଏହି ବାକ୍ୟକୁ ବିଭାଜନ କରି ଦେଖିଲେ, ବାକ୍ୟରେ ଜଣେ ମନୁଷ୍ୟପୁତ୍ର ଏବଂ ଜଣେ ପବିତ୍ରଆତ୍ମା ରହିବା ସହିତ ଆଉଜଣେ ବିରୁଦ୍ଧ କଥା କହୁଥିବା ପାତ୍ର ରହିଛନ୍ତି । ଏହି ତିନିପାତ୍ରଙ୍କ ଭିତରୁ ଜଣେ ଅଣୁଅଣୁ ହୋଇ ସର୍ବତ୍ର ବ୍ୟାପି ରହିଥିବା ପାତ୍ର ରହିଛି, ସେ ହିଁ ପବିତ୍ର ଆତ୍ମା ବା ଈଶ୍ୱର, ସେ ପାପହୀନ ବା ତାଙ୍କୁ ପାପ ସ୍ପର୍ଶ କରୁନଥିବାରୁ ସେ ପବିତ୍ରଆତ୍ମା ଭାବରେ କଥିତ । ପବିତ୍ର ଆତ୍ମାଙ୍କର ଆକାର ନାହିଁ, ଆକାର ନଥିବାରୁ ତାଙ୍କର ନାଆଁ ମଧ୍ୟ ନାହିଁ । ତେଣୁ ତାଙ୍କୁ ରୂପ, ନାମ ରହିତ ବୋଲି କୁହାଯାଏ । ରୂପ, ନାମ ନଥିବା ଈଶ୍ୱର ହିଁ ସର୍ବତ୍ର ବ୍ୟାପିଥିବା ପରମେଶ୍ୱର, ସେ ତାଙ୍କ ବିଷୟ ପ୍ରଜାମାନଙ୍କୁ କହିବା ପାଇଁ, ତାଙ୍କ ବ୍ୟାପକତାରୁ ଗୋଟିଏ ଭାଗକୁ ମଣିଷ ଭାବରେ ଜନ୍ମକରାଇ ମଣିଷ ସହିତ କଥା କୁହାଇଥାନ୍ତି । ସ୍ୱୟଂ ଈଶ୍ୱର ତାଙ୍କର କୋଟି କୋଟି ଅଂଶରୁ ଏକମାତ୍ର ଅଂଶ ହୋଇ ଜନ୍ମ ହେଉଥିବାରୁ ତାଙ୍କୁ ମନୁଷ୍ୟପୁତ୍ର ବୋଲି ବାଇବେଲରେ, ଭଗବାନ ବୋଲି ଭଗବଦ୍ଗୀତାରେ କୁହାଯାଇଛି । ଈଶ୍ୱରଙ୍କ ଗୋଟିଏ ଭାଗକୁ ମନୁଷ୍ୟପୁତ୍ର, ବ୍ୟାପକତାକୁ ପବିତ୍ରଆତ୍ମା ବୋଲି ହିଁ କୁହାଯାଇଛି । ପବିତ୍ରଆତ୍ମା ସର୍ବଦା ବିଶ୍ୱବ୍ୟାପ୍ତ ହୋଇ ରହିଥିବା ବେଳେ, ମନୁଷ୍ୟପୁତ୍ର ହଜାର ହଜାର ବର୍ଷରେ ଥରେ ଭୂପୃଷ୍ଠରେ

ଜନ୍ମ ହୋଇଥାନ୍ତି । ମାୟା ପ୍ରଭାବ ଦ୍ୱାରା ଭୂପୃଷ୍ଠରେ ଅଧର୍ମ ବଢ଼ିଯାଇଥିବା ବେଳେ ଦୈବଧର୍ମ ଅଜଣା ରହିଯାଏ । ସେତିକିବେଳେ ଈଶ୍ୱରଙ୍କ ସଂକଳ୍ପ ଦ୍ୱାରା ତାଙ୍କର କୋଟି କୋଟି ଅଂଶରୁ ସେ ଗୋଟିଏ ଅଂଶ ହୋଇ ଭୂ-ପୃଷ୍ଠରେ ଜନ୍ମ ହୋଇଥାନ୍ତି, ସାଧାରଣ ମଣିଷ ଭଳି ଦେଖାଯାଆନ୍ତି । ଏବେ ଦୁଇଜଣଙ୍କ ବାବଦରେ ଜାଣିବା ପରେ ଆଉ ଜଣେ ପାତ୍ର ବଳକା ରହିଛି, ସେ ହିଁ ସୃଷ୍ଟି ଆଦିରେ ଜନ୍ମ ହୋଇଥିଲା । ମାୟାମାର୍ଗରେ ଚାଲୁଥିବା ମଣିଷ ଭୂପୃଷ୍ଠରେ ନିବାସ କରୁଥିବା ସ୍ଥଳ, ବନ୍ଧୁବର୍ଗଙ୍କୁ କେତେବର୍ଷରେ ଥରେ ମରଣ ନାମରେ ଛାଡିଯାଇ, ଜନ୍ମ ନାମକ ନୂଆ ନିବାସ ସ୍ଥଳକୁ ପ୍ରାପ୍ତ ହୋଇଥାଏ । ଏହି ବିଷୟ ଜଣେ କର୍ମଚାରୀ ଗୋଟିଏ ସ୍ଥାନରୁ ବଦଳିହୋଇ ଆଉଏକ ସ୍ଥାନରେ ତାର ଚାକିରି ଜୀବନ ବିତାଇବା ଭଳି, ଗୋଟିଏ ଜୀବ ଗୋଟିଏ ଶରୀରକୁ ଛାଡି ଆଉଏକ ଶରୀର ପାଇ ଜୀବନ ବିତାଇଥାଏ । ଏହି ଅନୁସାରେ ଭୂପୃଷ୍ଠରେ ସର୍ବଦା ରହୁଥିବା ପାତ୍ର ଜୀବ (ମଣିଷ) । ପ୍ରଥମ ପାତ୍ର ହୋଇଥିବା ପରମାତ୍ମା କେବେ ଜନ୍ମ ହୁଅନ୍ତି ନାହିଁ । ଦ୍ୱିତୀୟ ପାତ୍ର ହୋଇଥିବା ମନୁଷ୍ୟପୁତ୍ର (ଭଗବାନ) ଆବଶ୍ୟକ ସମୟରେ ଅନେକ ହଜାର ବର୍ଷ ପରେ ଥରେ ଜନ୍ମ ହୋଇଥାନ୍ତି । ଭଗବାନ ବା ମନୁଷ୍ୟ ପୁତ୍ର ମଣିଷକୁ କର୍ମରୁ (ପାପପୁଣ୍ୟରୁ) ଉଦ୍ଧାର କରିବାପାଇଁ ଆବଶ୍ୟକୀୟ ଦୈବଜ୍ଞାନ ଜଣାଇବା ପାଇଁ ଆସୁଥିବା ବେଳେ, ମଣିଷ କେବଳ କର୍ମକୁ ଅନୁଭବ କରିବା ପାଇଁ ଜନ୍ମ ହୋଇଥାଏ । କର୍ମକୁ ଅନୁଭବ କରିବା ସହିତ କର୍ମ ଉପାର୍ଜନ କରୁଥାଇ, ଅର୍ଜିତ କର୍ମକୁ ପୁଣି ଅନୁଭବ କରିବା ପାଇଁ ନୂଆ ଲୋକମାନେ ଥିବା ସ୍ଥଳ ଏବଂ ଏକ ନୂଆ ଶରୀରରେ ପ୍ରବେଶ କରିଥାଏ, ପୁରୁଣା କର୍ମ ଅନୁଭବ କରିବା ସହିତ ନୂଆ କର୍ମକୁ ଭୌତିକ ସମ୍ବନ୍ଧତଃ ଉପାର୍ଜନ କରିଥାଏ । ଏହି ଭୌତିକ କର୍ମକୁ ଅନୁଭବ କରିଦେଲେ ତାହା ଶେଷ ହୋଇଯାଉଥାଏ । କାରଣ ଭୌତିକ କର୍ମ ପରିମିତ ହୋଇଥିବାରୁ ପରିମିତ କାଳରେ ଅନୁଭବ କରିଦେଲେ ତାହା ଶେଷ ହୋଇଯାଏ, କିନ୍ତୁ

ଈଶ୍ୱର ଅପରିମିତ ହୋଇଥିବାରୁ ଈଶ୍ୱର ସମ୍ବନ୍ଧୀୟ କର୍ମ ଅପରିମିତ କାଳ ପର୍ଯ୍ୟନ୍ତ ରହିଥାଏ । ତେଣୁ ପବିତ୍ରଆତ୍ମାଙ୍କ ବିରୁଦ୍ଧରେ କହିଲେ ଏକାଳରେ ହେଉ କି ଭବିଷ୍ୟତ କାଳରେ ହେଉ, କରିଥିବା ପାପ କେବେ କ୍ଷମା କରାଯିବ ନାହିଁ ବୋଲି କହିଛନ୍ତି । ତେଣୁ ଜାଣିହେଉଛି ଯେ ଈଶ୍ୱରଙ୍କୁ ନିନ୍ଦା କରୁଥିବା ଲୋକ ଯୁଗ ଯୁଗ ପର୍ଯ୍ୟନ୍ତ କରିଥିବା ପାପାନୁଭବ କରିବାକୁ ପଡିଥାଏ, ତେଣୁ ଦୈବନିନ୍ଦୁକ ଏ କାଳରେ ଏବଂ ଭବିଷ୍ୟତ କାଳରେ ମଧ୍ୟ ରହିଥାଏ । କଣ ଏଭଳି ମଣିଷ କିଏ ଅଛି ? ବୋଲି ବିଚାରକଲେ ଈଶ୍ୱରଙ୍କୁ ନିନ୍ଦାକଲେ ମଧ୍ୟ କେହି ଶହେବର୍ଷରୁ ଅଧିକ ବଞ୍ଚୁନାହାନ୍ତି । ତାହେଲେ କଣ ଈଶ୍ୱରଙ୍କ ବାଣୀ (ଦୈବବାଣୀ) ଏଠାରେ ମିଛହେବ ! ଦୈବବାଣୀ କଦାପି ମିଛନୁହେଁ । ଦୈବବାଣୀ ଅନୁସାରେ ସେ ଯୁଗ ଯୁଗ ପର୍ଯ୍ୟନ୍ତ ରହିବା କଥା ସତ୍ୟ । ଏହା କିପରିନା ! ଦୈବନିନ୍ଦୁକ ଜନ୍ମମରଣ ପାଉଥାଇ, ପାଉଥିବା ଶରୀରରେ କରିଥିବା ପାପକୁ ଅନୁଭବ କରୁଥିବ । ଏଠାରେ ମଣିଷର ଜନ୍ମ ଅଛି କହିଲେ ଦୈବବାଣୀ ସତ୍ୟହେବ ସିନା, ନାହିଁ କହିଲେ ଅସତ୍ୟ ହୋଇଯିବ । ଦୈବବାଣୀର ବ୍ୟତିରେକ ଭାବରେ ମାୟା ମଣିଷର ଆଉ ଜନ୍ମ ନାହିଁ ବୋଲି ମଣିଷ ଦ୍ୱାରା କୁହାଉଛି, କିନ୍ତୁ ଜ୍ଞାନସୂତ୍ର ଅନୁସାରେ ଏହା ସ୍ୱୀକାର୍ଯ୍ୟ ନୁହେଁ । ଜ୍ଞାନ ଅନୁସାରେ ଦୈବନିନ୍ଦୁକ ଚିରକାଳ ଭୂପୃଷ୍ଠରେ ରହି ପାପକୁ ଅନୁଭବ କରିବା ନିରାଟ ସତ୍ୟ ।

ସାତାନ୍ ଏବଂ ସୈତାନ ନାମରେ ପରିଗଣିତ ହେଉଥିବା ମାୟା ସାଧାରଣ ନୁହେଁ । ତାକୁ ଜିତିବା ଅତି ଦୁଃସାଧ୍ୟ ବୋଲି ସ୍ୱୟଂ ଭଗବାନ **"ମମମାୟା ଦୂରତ୍ୟୟା"** ବୋଲି ଭଗବଦ୍ଗୀତାରେ କହିଛନ୍ତି । ତେଣୁ ମାୟା ଦୈବମାର୍ଗରେ ଯାଉଥିବା ଲୋକମାନଙ୍କୁ ଦୈବଜ୍ଞାନର ବ୍ୟତିରେକୀ ସଜାଇ ନିଜ ମାର୍ଗରେ ଯିବାଭଳି କରୁଛି । ମାୟା ଏହି କାର୍ଯ୍ୟକୁ କେତେ ଚତୁରତାର ସହିତ କରୁଛି ଜାଣନ୍ତି ! ପ୍ରତ୍ୟେକ ବ୍ୟକ୍ତି ଦୈବମାର୍ଗରେ ରହିଥିବା ଭଳି ସେମାନଙ୍କୁ ଭ୍ରମିତ କରି ନିଜମାର୍ଗରେ ନେଇଯାଉଛି । ଏହି କାର୍ଯ୍ୟ ସାଧାରଣ

ମଣିଷ ଦ୍ୱାରା ନୁହେଁ! ଦୈବଜ୍ଞାନ ବୋଧ କରୁଥିବା ଲୋକମାନଙ୍କ ଦ୍ୱାରା କରାଉଛି । ମାୟାର ଏହି କାର୍ଯ୍ୟ ଦ୍ୱାରା ବୋଧକମାନଙ୍କ ବାଣୀ ଶୁଣୁଥିବା ଲୋକମାନେ, ଅନୁସରଣ କରୁଥିବା ଲୋକମାନେ, ଦୈବମାର୍ଗରେ ଥିବା ଲୋକମାନେ ମଧ୍ୟ ମାୟାମାର୍ଗରେ ଯାଇଥାନ୍ତି । ମାୟାମାର୍ଗକୁ ଦୈବମାର୍ଗ ଭାବି ବିଶ୍ୱାସ କରିଥାନ୍ତି । ଏହିଭଳି ମାୟା କାହାକୁ ଦେଖା ନଦେଇ, ନିଜର ନାମକୁ ବାହାରକୁ ନଆଣି ସମସ୍ତଙ୍କୁ ନିଜ ରାସ୍ତାରେ ଚଲାଉଛି । ଖ୍ରୀଷ୍ଟ ମତରେ ଜ୍ଞାନୀ ବୋଲାଉଥିବା ଲୋକମାନଙ୍କୁ ମଧ୍ୟ ମାୟା ଦୈବବ୍ୟତିରେକୀ କରି ନିଜର ଅନୁକୂଳିତ କରିଦେଇଛି । ଏକ ଉଦାହରଣ ମଧ୍ୟ ଦେଖନ୍ତୁ ।

ମାଥିଉଙ୍କ ଲିଖିତ ସୁସମାଚାରର ୨୩ତମ ଅଧ୍ୟାୟରେ ଥିବା ନବମ ବାକ୍ୟରେ "ଏ ସଂସାରର କାହାରିକୁ ପରମପିତା ବୋଲି ସମ୍ବୋଧନ କରନାହିଁ । ତୁମର ଜଣେମାତ୍ର ପରମପିତା ଯେକି ସ୍ୱର୍ଗରେ ରହୁଛନ୍ତି" ବୋଲି ସ୍ୱୟଂ ମନୁଷ୍ୟପୁତ୍ର (ଭଗବାନ) ଯୀଶୁ କହିଛନ୍ତି । ଏକଥା ଉପରକୁ ମନୁଷ୍ୟପୁତ୍ର ଯୀଶୁ କହିଥିବା ଭଳି ବୋଧ ହେଉଥିଲେ ମଧ୍ୟ ତାହା ସଂପୂର୍ଣ୍ଣ ଈଶ୍ୱରଙ୍କ କଥା ଭାବରେ ହିସାବ କରିବା ଉଚିତ୍ । କାରଣ ଯିଏ କହିଛନ୍ତି ସେ ଦୈବାଂଶ ହୋଇଥିବାରୁ ତାଙ୍କ କଥା ଦୈବ ବା ଈଶ୍ୱରଙ୍କ ବାଣୀ ହୋଇଥାଏ । ଈଶ୍ୱରଙ୍କ ଉପରେ ଯାହାର ବିଶ୍ୱାସ ଅଛି ସେ ଈଶ୍ୱରଙ୍କ ବାଣୀକୁ ବିଶ୍ୱାସ କରିବା ଉଚିତ୍ ! କିନ୍ତୁ ମାୟା ଈଶ୍ୱରଙ୍କ ଉପରେ ବିଶ୍ୱାସ ଥିବା ଲୋକମାନଙ୍କ ତୁଣ୍ଡରୁ ଏହି ବାଣୀର ବିପରୀତ ଭାବ ବହିର୍ଗତ କରାଉଛି । ଆମେମାନେ ବୋଧକ, ଆମେ ଦୈବବାଣୀକୁ ବିପୁଳ ଭାବରେ ବୋଧ କରିପାରୁ ବୋଲି ଭାବୁଥିବା ଲୋକମାନଙ୍କ ଠାରୁ ହିଁ ମାୟା ଏଭଳି ଦୈବ ବିପରୀତ ବାଣୀ କୁହାଉଛି । ତେଣୁ ସେମାନେ ଦୈବମାର୍ଗରେ ଅଛନ୍ତି ବୋଲି ବିଶ୍ୱାସ ଅଣାଇ, ସେମାନେ ଦୈବବାଣୀ ବୋଧ କରୁଛନ୍ତି ବୋଲି ସେହିମାନଙ୍କୁ ଭ୍ରମିତ କରି, ସେହିମାନଙ୍କ ତୁଣ୍ଡରୁ ବିପରୀତ ବାଣୀ ଶୁଣାଉଛି । ଦୈବଜ୍ଞାନ ବୋଧ କରୁଥିବା ବୋଧକମାନଙ୍କ ଭିତରୁ

କେତେକଙ୍କୁ ମାୟା ପ୍ରଜାମାନଙ୍କ ଦ୍ୱାରା ପିତା ଭାବେ ସମ୍ବୋଧନ କରାଉଛି, ବୋଧକମାନେ ମଧ୍ୟ ଆମେ ଗଡ୍‌ଫାଦର କହିବା ଭଳି କରାଇଛି, ସମାଜ ସେମାନଙ୍କୁ ଅମିତ ଗୌରବ ପ୍ରଦାନ କରିବା ଭଳି କରାଇଛି ।

ଆଜି ଖ୍ରୀଷ୍ଟମତରେ ଫାଦର ବୋଲାଉଥିବା ଅନେକ ଲୋକ ଅଛନ୍ତି, ସେମାନେ ବାଇବେଲ ବିଷୟ କହୁଥିଲେ ମଧ୍ୟ, ଗ୍ରନ୍ଥରେ ଥିବା ମାଥିଉଙ୍କ ଲିଖିତ ସୁସମାଚରରର ୨୩ତମ ଅଧ୍ୟାୟରେ ଥିବା ନବମ ବାକ୍ୟରେ କଣ ଅଛି ବୁଝିପାରୁ ନାହାନ୍ତି । ଫାଦର ନାମରେ ବୋଧକମାନଙ୍କୁ ଏକ ଉନ୍ନତ ସ୍ଥିତି ଦେଇଥିବା ମାୟା ସେମାନେ ନିଜକୁ ପ୍ରକୃତ ଦୈବସେବକ ଭାବିବା ଭଳି କରିଛି, ସେହି ଭ୍ରମରେ ସେମାନେ ଆମେ ଦୈବବାଣୀର ବ୍ୟତିରେକୀ ହୋଇଯାଇଛୁ ବୋଲି ଜାଣି ପାରୁନାହାନ୍ତି । ଆପଣ ଏହି ବିଷୟରୁ ଜାଣି ପାରିବେ ଯେ, ମାୟା କେତେ ବଳଶାଳୀ ଏବଂ କେତେ ଚତୁରୀ । ଦୈବ ବିଷୟରେ ମାତ୍ର ୫୦ ପ୍ରତିଶତ ବିଶ୍ୱାସ ରଖିଥିବା ଖ୍ରୀଷ୍ଟିୟ ମାନଙ୍କଠାରେ ମାୟା ଏତେ ବଳଶାଳିନୀ ହୋଇ ରହିଥିବା ବେଳେ, କେବଳ ଦୁଇ ପ୍ରତିଶତ ବିଶ୍ୱାସ ଥିବା ହିନ୍ଦୁ ମାନଙ୍କଠାରେ ମାୟା କିଭଳି କାର୍ଯ୍ୟ କରୁଥିବା ଆପଣମାନେ ଭାବି ପାରନ୍ତି । ତେଣୁ ମାୟା ଅଧିକ ଦୃଷ୍ଟିନିକ୍ଷେପ କରିଥିବା ମତ ହେଉଛି ହିନ୍ଦୁମତ । କାରଣ! ହିନ୍ଦୁମତରେ ଦୈବବିଶ୍ୱାସ ମାତ୍ର ଦୁଇ ପ୍ରତିଶତ ଅଛି ବୋଲି ସ୍ୱୀକାର କଲେ, ହିନ୍ଦୁମତରେ ମାୟାର ବଳ ୯୮ପ୍ରତିଶତ ଅଛି ବୋଲି କହିପାରିବା । ତେଣୁ ମାୟାର ବଳ ଅଧା ହିନ୍ଦୁମତରେ ହିଁ ଅଛି ବୋଲି କହିହେବ । ଏହି ହିସାବରେ ଦୈବବିଶ୍ୱାସ ଥିବା ଲୋକମାନଙ୍କ ଭିତରେ ଶତକଡା ନବେଭାଗ ବିଶ୍ୱାସ ଥାଇପାରେ, ଏମାନଙ୍କ ଠାରେ ମାୟା ଦଶ ପ୍ରତିଶତ ଥାଇପାରେ । ସେହିଭଳି ଶତ ପ୍ରତିଶତ ଦୈବବିଶ୍ୱାସ ନଥାଇ ପାରେ, ତେଣୁ କିଛି ଲୋକଙ୍କଠାରେ ମାୟା ଶତପ୍ରତିଶତ କାର୍ଯ୍ୟକରୁଛି ବୋଲି କହିପାରିବା । ଏହିଭଳି ବିଚାର କଲେ ହିନ୍ଦୁମତରେ ମଧ୍ୟ କେଉଁଠି କେଉଁଠି ଦୈବବିଶ୍ୱାସୀମାନେ ଥାଇପାରନ୍ତି ।

କିନ୍ତୁ ଆଜି ହିନ୍ଦୁମତର ପରିସ୍ଥିତିକୁ ଲକ୍ଷ୍ୟକଲେ, ଜ୍ଞାନୀ, ଅଜ୍ଞାନୀ ସମସ୍ତଙ୍କୁ ଦୃଷ୍ଟିଦେଇ ହିନ୍ଦୁମତରେ ମାୟା ୯୮ ପ୍ରତିଶତ କାର୍ଯ୍ୟ କରୁଛି ବୋଲି କହି ପାରିବା । ସବୁଠାରୁ ପଛରେ ମାତ୍ର ୧୪୦୦ବର୍ଷ ତଳେ ଜନ୍ମହୋଇଥିବା ଇସ୍ଲାମମତରେ ମାୟା କେବଳ ଦଶ ପ୍ରତିଶତ ବଳଶାଳୀ ହୋଇପାରିଛି, ତାଠାରୁ ମାତ୍ର ଛଅଶହ ବର୍ଷ ତଳେ ଜନ୍ମ ହୋଇଥିବା ଖ୍ରୀଷ୍ଟମତରେ ୫୦ ପ୍ରତିଶତ ବଳ ପ୍ରୟୋଗ କରୁଛି ବୋଲି ଜଣାଯାଉଛି । ହିନ୍ଦୁମତରେ ମାୟା ୯୮ପ୍ରତିଶତ କାମ କରୁଛି ବୋଲି କହିଲେ ହିନ୍ଦୁମତର କିଛିଲୋକ ଜୀର୍ଣ୍ଣ କରିପାରୁ ନଥିବେ, କିନ୍ତୁ ଆପଣ ଏହି ଗ୍ରନ୍ଥ ସଂପୂର୍ଣ୍ଣ ପାଠକରିବା ପରେ ଆମେ ଯାହା କହୁଛୁ ତାହା ଆପଣ ମଧ୍ୟ କହିବେ

ଏପର୍ଯ୍ୟନ୍ତ ମଣିଷ ଭିତରେ ଥିବା ମତରେ ମାୟାର ସ୍ଥିତିଗତି ବିଶ୍ଳେଷଣ କଲେ । ଏବେ ହିନ୍ଦୁମତର ଦୈବଗ୍ରନ୍ଥ ଭଗବଦ୍ଗୀତାରେ ମାୟାର ସ୍ଥାନ କେଉଁଠି ତାହା ଜାଣିବା । ଭଗବଦ୍ଗୀତା ୭୦୦ଶ୍ଳୋକ ବିଶିଷ୍ଟ ଗ୍ରନ୍ଥ, ସେଥିରେ ୫୪ଗୋଟି ଶ୍ଳୋକ ମାୟା ସମ୍ବନ୍ଧୀୟ, ସେହି ଅନୁସାରେ ସେଥିରେ ପ୍ରାୟ ୯୩ ପ୍ରତିଶତ ଜ୍ଞାନ, ୭ ପ୍ରତିଶତ ମାୟାଜ୍ଞାନ ରହିଛି ବୋଲି କହି ପାରିବା । **ସମସ୍ତ ମତଗ୍ରନ୍ଥ (ଦୈବଗ୍ରନ୍ଥ) ଅପେକ୍ଷା ଅଧିକ ପ୍ରତିଶତ ଦୈବଜ୍ଞାନ ଥିବା ଗ୍ରନ୍ଥ ହେଉଛି ଭଗବଦ୍ଗୀତା ।** ଭଗବଦ୍ଗୀତା ହିନ୍ଦୁମାନଙ୍କ ଗ୍ରନ୍ଥ ଭାବରେ ପ୍ରଚରିତ ହୋଇଛି, କିନ୍ତୁ ବାସ୍ତବ କଥା ହେଉଛି ଭଗବଦ୍ଗୀତା ହିନ୍ଦୁମାନଙ୍କର ମତଗ୍ରନ୍ଥ ନୁହେଁ । ଆଉଟିକିଏ ଖୋଲି କହିଲେ, ତାହା ଏକ ମତଗ୍ରନ୍ଥ ନୁହେଁ, ଭଗବଦ୍ଗୀତା ସର୍ବ ମାନବଜାତି ସମ୍ବନ୍ଧୀୟ ଜ୍ଞାନଗ୍ରନ୍ଥ । ତେଣୁ ଗୀତାକୁ ମତଗ୍ରନ୍ଥ କହିବା ଭୁଲ୍ । ଭଗବତ୍ ଗୀତାରେ ୯୩ ପ୍ରତିଶତ ଦୈବଜ୍ଞାନ ରହିଥିବା ବେଳେ, ହିନ୍ଦୁମାନେ ସେଥିରୁ ମାତ୍ର ୩ ପ୍ରତିଶତ ମଧ୍ୟ ବୁଝିନାହାନ୍ତି । ଭଗବଦ୍ଗୀତା ଆମ ଗ୍ରନ୍ଥ ବୋଲି କହୁଥିବା ହିନ୍ଦୁମାନେ କେବଳ ୩ ପ୍ରତିଶତ ବୁଝି ନଥିବା ସ୍ଥଳେ, ତାହା ଆଦୌ ପଢି ନଥିବା ଇତର ମତର ଲୋକମାନଙ୍କୁ କିପରି ବୁଝାପଡିବ ? ପ୍ରାୟ

୫୨୦୦ବର୍ଷରୁ ଥିବା ଭଗବଦ୍ଗୀତା ଏପର୍ଯ୍ୟନ୍ତ ହିନ୍ଦୁମାନଙ୍କୁ ହିଁ ବୁଝାପଡି ନାହିଁ ବୋଲି କହିପାରିବା । ଏଠାରେ କେତେକଙ୍କ ଠାରେ ଏକ ପ୍ରଶ୍ନଆସି ଭଗବଦ୍ଗୀତା ସାଧାରଣ ହିନ୍ଦୁମାନଙ୍କୁ ବୁଝାପଡି ନାହିଁ ବୋଲି କହିଲେ କିଛି ପରିମାଣରେ ଯଦି ବିଶ୍ୱାସ କରିବା ଚଳିବ, ହେଲେ ହିନ୍ଦୁମତର ସ୍ୱାମୀଜୀ ମାନଙ୍କୁ, ପିଠାଧିପତି ମାନଙ୍କୁ କଣ ଜଣା ନାହିଁ ? ବୋଲି ପଚାରିପାରନ୍ତି । ସେଥିପାଇଁ ଆମ ସମାଧାନ ହେଉଛି ! ସ୍ୱାମୀଜୀମାନେ ଲେଖିଥିବା ଗୀତା ବିବରଣୀକୁ ହିଁ ସାଧାରଣ ଲୋକେ ପଢୁଛନ୍ତି । ଯଦିଓ ସାଧାରଣ ଲୋକମାନେ ବୁଝିନାହାନ୍ତି ବୋଲି ସ୍ୱୀକାର କରୁଛନ୍ତି ତେବେ, ତାହେଲେ ସେମାନଙ୍କୁ ବୁଝାଉଥିବା ସ୍ୱାମୀଜୀ ମାନଙ୍କୁ ମଧ୍ୟ ଗୀତା ବୁଝାପଡି ନାହିଁ । ଭଗବାନ ଗୀତାରେ ଗୋଟିଏ ଭାବ କହିଥିବା ସ୍ଥଳେ, ତାର ବିବରଣୀ ଲେଖୁଥିବା ଲୋକମାନେ ଆଉ ଏକ ପ୍ରକାର ଭାବ ଲେଖୁଛନ୍ତି । ତେଣୁ ସ୍ୱାମୀଜୀମାନଙ୍କୁ ଗୀତା ଯଥାରୀତିରେ ବୁଝାପଡି ନଥିବା ବେଳେ ସାଧାରଣ ଲୋକେ କିପରି ବୁଝିବେ ? ସେଥିଲାଗି ଗୀତାରେ ୯୩ ପ୍ରତିଶତ ଜ୍ଞାନ ଥିଲେ ମଧ୍ୟ ସେଥିରୁ ମାତ୍ର ତିନି ପ୍ରତିଶତ ଜ୍ଞାନକୁ କିଛିଲୋକ ଗ୍ରହଣ କରିଛନ୍ତି ବୋଲି କହିବାକୁ ପଡୁଛି । ଏବେ ମଧ୍ୟ ଆପଣ ସନ୍ଦେହ କରି କାହାକୁ ବୁଝାପଡି ନଥିବା ଗୀତାକୁ ଆପଣ କିପରି ବୁଝିଲେ ବୋଲି ପଚାରିପାରନ୍ତି । ତାର ଉତ୍ତର କହିବାକୁ ଗଲେ, ମୁଁ ସମସ୍ତଙ୍କ ଅପେକ୍ଷା କମ୍ ଜାଣିଛି ବୋଲି ସ୍ୱୀକାର କରିବି । ଜଣେ ମଣିଷ ଭାବରେ ଏ ଲେଖା ସହିତ ମୋର କୌଣସି ସମ୍ପର୍କ ନାହିଁ । ମୁଁ ଏକ କଲମ ଭଳି ମଣିଷ । ଏଥିରେ ମୋଦ୍ୱାରା ଯାହା ଲେଖାଯାଉଛି ତାହାସବୁ ଲେଖାଇବା ପାତ୍ର, ମୋ ଭିତରେ ସତ୍ୟ କହୁଥିବା ପାତ୍ର, ଯିଏ ମୋର ଅତି ନିକଟରେ ଅଛି ସେ ହିଁ ଲେଖାଉଛି, ତାକୁ ମୁଁ ଆତ୍ମା କହେ । ସେଦିନ ଗୀତା କହିଥିବା ପାତ୍ର ସେହି ଆତ୍ମା ହୋଇଥିବାରୁ ଗୀତାର ସତ୍ୟ କେବଳ ଆତ୍ମାକୁ ହିଁ ଜଣା ଅଛି । ହିନ୍ଦୁମାନଙ୍କ ପାଖରେ କେତେ ଜ୍ଞାନ ଅଛି ସେକଥା ସେ ହିଁ କହୁଛି ।

୯୩ପ୍ରତିଶତ ଜ୍ଞାନ ଥିବା ଭଗବଦ୍ଗୀତାକୁ ୩ ପ୍ରତିଶତ ବୁଝିଥିବା ଲୋକମାନେ କିପରି ସମ୍ମାନ ଦେଉଛନ୍ତି ଟିକିଏ ଦେଖିବା । ଇତର ମତଗୁଡିକୁ ଆସି ଦେଖିଲେ ଇସ୍ଲାମ୍‌ମତରେ ସେମାନେ ସେମାନଙ୍କ କୋରାନକୁ ଖୁବ୍ ସମ୍ମାନ ଦିଅନ୍ତି । ଈଶ୍ୱରଙ୍କୁ ସମ୍ମାନ ଦେବା ଭଳି ସମ୍ମାନ ଦେଇ ସେମାନେ କୋରାନକୁ ଅତି ପବିତ୍ର ମନେ କରନ୍ତି । ଅତି ଆଦରରେ ପଢନ୍ତି,ତାହା ସେମାନେ ତଳେ ମଧ୍ୟ ରଖନ୍ତି ନାହିଁ । କୋରାନକୁ ସେମାନେ ଅତି ଉନ୍ନତ ସ୍ଥାନରେ ରଖନ୍ତି । ଇସ୍ଲାମମତର ୫ ବର୍ଷର ପିଲା ମଧ୍ୟ କୋରାନ କହିଲେ କ'ଣ ଜାଣିଥାଏ । ମୁସ୍ଲିମ୍‌ମାନେ ସେମାନଙ୍କ ପିଲାମାନଙ୍କୁ ମଧ୍ୟ ପ୍ରାର୍ଥନା କରିବା ପାଇଁ ମସ୍‌ଜିଦକୁ ନେଇଥାନ୍ତି, ସେମାନେ କୋରାନ ବାବଦରେ ଜାଣିପାରିବା ଭଳି ପ୍ରଯତ୍ନ କରିଥାନ୍ତି । ଯୁକ୍ତ ବୟସରେ ପହଞ୍ଚୁଥିବା ଝିଅ-ମାନଙ୍କୁ ମଧ୍ୟ ସେମାନେ ବିବାହ ଦେବା ପୂର୍ବରୁ କୋରାନ ଶିଖାଇ ସବୁଦିନ ପଢିବା ଭଳି ଅଭ୍ୟାସ କରାଇଥାନ୍ତି । ସତକଥା କହିଲେ ମୁସ୍ଲିମ୍‌ମାନେ ସେମାନଙ୍କ କୋରାନକୁ ସେମାନଙ୍କ ପ୍ରାଣ ଅପେକ୍ଷା ଅଧିକ ଭଲପାଆନ୍ତି, ସେମାନେ କେଉଁଭଳି ସ୍ଥିତିରେ ରହନ୍ତୁ ପଛେ କୋରାନ ଅନୁସାରେ ଜୀବନ ବଞ୍ଚନ୍ତି । ଇସ୍ଲାମିକ୍ ଦେଶଗୁଡିକରେ କୋରାନର ବିରୁଦ୍ଧ ଶାଶନ କିମ୍ବା ନୀତିନିୟମ ନଥାଏ ।

ଏବେ ହିନ୍ଦୁଦେଶରେ ଈଶ୍ୱର, ଈଶ୍ୱର ଜଣାଇଥିବା ଭଗବଦ୍ଗୀତାକୁ ହିନ୍ଦୁମାନେ କିପରି ମାନନ୍ତି ଆଲୋଚନା କରିବା । ହିନ୍ଦୁଦେଶରେ ଶହେରୁ ଅଶି (୮୦) ଲୋକଙ୍କୁ ଭଗବଦ୍ଗୀତା କ'ଣ ଜଣାନଥାଏ । ଭଗବଦ୍ଗୀତାର ନାଆଁ ଶୁଣିଥିଲେ ମଧ୍ୟ କେବେ ପଢିନଥିବା ଲୋକମାନେ ଦଶ (୧୦) ପ୍ରତିଶତ ଅଛନ୍ତି । ଭଗବଦ୍ଗୀତା ନପଢି କେବଳ ଦେଖିଥିବା ଲୋକମାନେ ଶହେରୁ ପାଞ୍ଚ (୫) ଜଣ ଅଛନ୍ତି । ଗୀତାକୁ ସଂପୂର୍ଣ୍ଣ ପଢିଥିବା ଲୋକମାନେ ମଧ୍ୟ ଶତକଡା ୫ ଭାଗ ଅଛନ୍ତି ।

- **ଭଗବଦ୍ଗୀତାକୁ ଆଦୌ ଜାଣି ନଥିବା ଲୋକମାନେ ଶତକଡା ୮୦ଜଣ ଅଛନ୍ତି ।**
- **ଭଗବଦ୍ଗୀତାକୁ ଶୁଣି ମଧ୍ୟ ଦେଖି ନଥିବା ଲୋକମାନେ ଶତକଡା ୧୦ ଜଣ ଅଛନ୍ତି ।**
- **ଭଗବଦ୍ଗୀତା ଦେଖି ମଧ୍ୟ ପଢିନଥିବା ଲୋକମାନେ ଶତକଡା ୫ଜଣ ଅଛନ୍ତି ।**
- **ଭଗବଦ୍ଗୀତା ଦେଖି ଶ୍ରଦ୍ଧାଲଗାଇ ପଢିଥିବା ଲୋକମାନେ ଶତକଡା ୫ ଜଣ ଅଛନ୍ତି ।**

କେବଳ ହିନ୍ଦୁମତକୁ (ଇନ୍ଦୁମତକୁ) ଛାଡିଦେଲେ ଅନ୍ୟ କୌଣସି ମତର ଲୋକମାନେ ସେମାନଙ୍କ ମତରେ ଥିବା ଦୈବଗ୍ରନ୍ଥ ବାବଦରେ ସଂପୂର୍ଣ୍ଣ ଜାଣିଥାନ୍ତି, ସେମାନଙ୍କ ମତରେ ଥିବା ଗ୍ରନ୍ଥକୁ ଦେଖି ନଥିବା ଲୋକେ କେହି ନଥାନ୍ତି । କେବଳ ହିନ୍ଦୁମତର ଲୋକମାନେ ସେମାନଙ୍କ ଗ୍ରନ୍ଥକୁ ଜାଣନ୍ତି ନାହିଁ, ଦେଖନ୍ତି ନାହିଁ କି ପଢନ୍ତି ନାହିଁ । କେତେକ ପଲ୍ଲୀ ଅଞ୍ଚଳକୁ ଯାଇ ପଚାରିଲେ ସାରା ଗାଆଁରେ କେହି ଜଣେ ମଧ୍ୟ ଭଗବତ୍ ଗୀତା ବାବଦରେ ଜାଣିନାହାନ୍ତି ବୋଲି ଜଣାଯାଉଛି । ବ୍ଲକ୍ ପରିଧିରେ କିମ୍ବା ଜିଲ୍ଲା ପରିଧିରେ ଦେଖିଲେ ମାତ୍ର କିଛିଲୋକ ଗୀତା ବାବଦରେ ଜାଣିଥାନ୍ତି ବୋଲି ଜଣାଯାଉଛି । ଆଜିର ଯୁବକ, ଯୁବତୀମାନଙ୍କୁ ଦେଖିଲେ ସେମାନେ ସେମାନଙ୍କ ପାଠପଢା ପରେ ଚାକିରିରେ ବ୍ୟସ୍ତ ରହୁଛନ୍ତି, କିନ୍ତୁ କେହି ଜଣେ ମଧ୍ୟ ଗୀତା ପଢୁଛନ୍ତି ବୋଲି ବିଶ୍ୱାସ କରିହେଉ ନାହିଁ । ୫୦ବର୍ଷରୁ ଅଧିକ ବୟସ ହୋଇଥିବା ବୃଦ୍ଧ, ବୃଦ୍ଧାମାନଙ୍କୁ ଯଦି ଭଗବଦ୍ଗୀତା ବାବଦରେ କେହି କହୁଛି ତେବେ ସେମାନେ ଆମକୁ ଏ ବୟସରେ ଗୀତାପଢି କଣ ମିଳିବ ବୋଲି କହୁଛନ୍ତି । ଯେଉଁମାନେ ସଂପୂର୍ଣ୍ଣ ବୃଦ୍ଧାବ୍ୟରେ ଅଛନ୍ତି ଅତି କମ୍‌ରେ ସେମାନେ ତ ପଢିପାରନ୍ତେ ! କିନ୍ତୁ ସେମାନେ ବି ସେଇକଥା କହୁଛନ୍ତି ।

ଯଦି କେହି ୧୫/୨୦ ବର୍ଷର ଯୁବକ ଯୁବତୀ ଶ୍ରଦ୍ଧାବହି ଗୀତା ପଢିବାକୁ ଇଚ୍ଛା କରନ୍ତି ତେବେ ସେମାନଙ୍କୁ ସେମାନଙ୍କ ଘରର ଅଭିଭାବକମାନେ ଅବରୋଧ ହୋଇ, ତମେ ଜ୍ଞାନ ଜାଣିଲେ ଆମେ କଣ କରିବୁ, ତୁମେ ଆଉ ଘରକୁ ଆସିବା ଦରକାର ନାହିଁ ବୋଲି କହୁଥିବା ପରିବାର ମଧ୍ୟ ହିନ୍ଦୁମାନଙ୍କ ଭିତରେ ଅଛି । ସ୍ତ୍ରୀ ଦୈବଜ୍ଞାନ ଜାଣିବାକୁ ଇଚ୍ଛାକଲେ ତାପାଇଁ କଣ୍ଟା ସାଜୁଥିବା ସ୍ୱାମୀମାନେ ଅଛନ୍ତି । ସ୍ୱାମୀ ଜ୍ଞାନ ଜାଣିବାକୁ ଇଚ୍ଛାକଲେ, ଛାଡପତ୍ର ଦେବି କହୁଥିବା ସ୍ତ୍ରୀମାନେ ମଧ୍ୟ ଅଛନ୍ତି । ପୁଅ ଲୁଚିଲୁଚି ଗୀତା ପଢୁଥିବା ବେଳେ, ତାକୁ ଦେଖି ଗୀତାକୁ ପୋଡିଦେଉଥିବା ବାପାମାନେ ମଧ୍ୟ ଅଛନ୍ତି । ଏହିଭଳି ହିନ୍ଦୁଦେଶରେ ଭଗବଦ୍ଗୀତାର ମୂଲ୍ୟକୁ ବୁଝିଥିବା ହିନ୍ଦୁମାନେ ଅଛନ୍ତି ।

ହିନ୍ଦୁମତର ପରିସ୍ଥିତିକୁ କଡରୁ ଦେଖୁଥିବା ଖ୍ରୀଷ୍ଟିଆନମାନେ ସେମାନଙ୍କ ମତ ପ୍ରଚାରକୁ ମୁଖ୍ୟ କରି, ଜ୍ଞାନ ଜଣାନଥିବା ହିନ୍ଦୁମାନଙ୍କୁ ସେମାନଙ୍କ ବାକ୍ ଚାତୁର୍ଯ୍ୟତାରେ ସେମାନଙ୍କ ମତକୁ ସହଜରେ ଟାଣିନେଉଛନ୍ତି । ହିନ୍ଦୁମତରେ ଆଦୌ ଜ୍ଞାନ ହିଁ ଜାଣିନଥିବା, ଭଗବଦ୍ଗୀତାର ନାଆଁ ମଧ୍ୟ ଶୁଣିନଥିବା, ଆମେ କେଉଁ ମତରେ ଅଛୁ ମଧ୍ୟ ଜାଣିନଥିବା ଲୋକମାନେ ସହଜରେ ଖ୍ରୀଷ୍ଟିଆନ ମତକୁ ସ୍ୱୀକାର କରି ଆମେ ଖ୍ରୀଷ୍ଟିଆନ ବୋଲି କହୁଛନ୍ତି । ଏପର୍ଯ୍ୟନ୍ତ ଆମେ ହିନ୍ଦୁ ଥିଲୁ ବୋଲି ଜାଣିନଥିବା ଖ୍ରୀଷ୍ଟିଆନମାନେ ସେମାନଙ୍କୁ କେଉଁ ଏକ ଡିଗ୍ରୀ ମିଳିଯାଇଥିବା ଭଳି ଖୁସିରେ ଅଛନ୍ତି । ଏଭଳି ହିନ୍ଦୁମତର ଲୋକେ ଖ୍ରୀଷ୍ଟିଆନ ହୋଇଯାଉଥିବା ବେଳେ, କିଛି ହିନ୍ଦୁମତକୁ ଭଲପାଉଥିବା ଲୋକମାନେ ଆମ ମତ ଲୋପ ପାଇଯାଉଛି, ଖ୍ରୀଷ୍ଟିଆନମାନେ ବଢିଯାଉଛନ୍ତି ବୋଲି ଦୁଃଖପ୍ରକାଶ କରୁଛନ୍ତି । ଏଭଳି ରହିଥିବା କିଛି ହିନ୍ଦୁମାନେ ଗୋଟିଏ ଗୋଟିଏ ଦଳ ହୋଇ ହିନ୍ଦୁମତ ରକ୍ଷଣ ସମିତି, ହିନ୍ଦୁମତ ରକ୍ଷଣ କମିଟି, ହିନ୍ଦୁ ପରିଷଦ ଇତ୍ୟାଦି ସଂସ୍ଥା ତିଆରିକରି ହିନ୍ଦୁମାନଙ୍କୁ ଅନ୍ୟମତକୁ ଯିବାରୁ ଅଟକାଇବେ ବୋଲି

ଭାବୁଛନ୍ତି, ସେମାନଙ୍କ ସମସ୍ୟା କେବଳ ଜ୍ଞାନ ଦ୍ୱାରା ସମାଧାନ ହୋଇପାରିବ ବୋଲି ସେମାନେ ଜାଣି ନଥାନ୍ତି । ଏଭଳି ସଂସ୍ଥା ଗୁଡିକରେ ଜ୍ଞାନ ଜାଣିଥିବା ଲୋକେ ନଥିବାରୁ ସେମାନେ ଖ୍ରୀଷ୍ଟବୋଧକ ମାନଙ୍କୁ ତୁମେମାନେ ହିନ୍ଦୁମାନଙ୍କ ଭିତରେ ତୁମ ମତପ୍ରଚାର କରନାହିଁ ବୋଲି କହୁଛନ୍ତି, ସେମାନେ ସେମାନଙ୍କ ମତ ପ୍ରଚାରକୁ ମୁଖ୍ୟ କାର୍ଯ୍ୟ ଭାବିନେଇ ଥିବାରୁ, ଏମାନଙ୍କ କଥାକୁ ଖାତର ନକରି ସେମାନଙ୍କ କାମ କରୁଥିବା ବେଳେ, ସହି ନପାରି, ଏମାନେ ସେମାନଙ୍କ ଉପରେ ଭୌତିକ ଆକ୍ରମଣ କରୁଛନ୍ତି; ତଥାପି ଏମାନେ କିଛି ଲାଭ ପାଉନାହାନ୍ତି । ସେମାନେ ସେମାନଙ୍କ କାର୍ଯ୍ୟ କରିଚାଲିଛନ୍ତି । ଏଇ ମଧ୍ୟକାଳୀନ ସମୟରେ ହିନ୍ଦୁମାନେ ଅନେକ ସଂସ୍ଥା ଗଠନ କରିଥିଲେ ମଧ୍ୟ, ସେମାନେ ନାନା ଉପାୟରେ ସେମାନଙ୍କ ମତ ପ୍ରଚାର କରୁଛନ୍ତି, ସେମାନେ ଏବେ ସ୍ୱତନ୍ତ୍ର ଟି. ଭି ଚାନେଲ୍‌ରେ ସେମାନଙ୍କ ବାଣୀ ପ୍ରଚାର କରୁଛନ୍ତି ।

ଘର ପୋଡିଯାଉଥିବା ବେଳେ ନିଆଁ ଲିଭାଇବା ପାଇଁ ପାଣିର ବ୍ୟବହାର କରିବା ଉଚିତ୍ । ତା ନକରି ପାଣି ଭଳି ଦେଖାଯାଉଥିବା ତେଲକୁ ବ୍ୟବହାର କଲେ ନିଆଁ ଆହୁରି ଅଧିକ ଜଳିବ ସିନା ତେଲ ଦ୍ୱାରା ଲିଭିବ ନାହିଁ । ଏହିଭଳି ମତ ପରିବର୍ତ୍ତନକୁ ରୋକିବା ପାଇଁ ଜ୍ଞାନର ବ୍ୟବହାର କଲେ ସମସ୍ୟା ଦୂର ହେବ ସିନା, ବଳପୂର୍ବକ ଆକ୍ରମଣ କଲେ କିଛି ଲାଭ ମିଳିବ ନାହିଁ । ମତ ପରିବର୍ତ୍ତନକୁ ରୋକିବା ପାଇଁ ଭୌତିକ ଲଢେଇ କାମକରିବ ନାହିଁ, ଅଭୌତିକ ଜ୍ଞାନ ହିଁ ଏକମାତ୍ର ଅସ୍ତ୍ର । ଏହା ହିନ୍ଦୁମାନଙ୍କ ପାଖରେ ନାହିଁ । ଦୈବଜ୍ଞାନରୁ କଣାଏ ନଥିବା ହିନ୍ଦୁମାନଙ୍କ ସଂସ୍ଥାରୁ ହିଁ ସମସ୍ୟା ଉତ୍ପନ୍ନ ହେଉଛି । ଅନ୍ଧ ଚୋରକୁ ପିଟିବାପାଇଁ ଯାଇ ଚୋରକୁ ପିଟି ନପାରି ଠେଙ୍ଗାଧରି ଘରେ ଥିବା ହାଣ୍ଡିଆଟିକା ଭାଙ୍ଗିବା ଭଳି, ଅଜ୍ଞାନ ଅନ୍ଧକାରରେ ଥିବା ହିନ୍ଦୁସଂସ୍ଥା ଗୁଡିକ ନିଜ ମତକୁ ରକ୍ଷା କରିବାକୁ ଯାଇ, ନିଜ ମତର କ୍ଷତି ନିଜେ କରୁଛନ୍ତି । ଆମର ଏଇଭଳି କଠୋର କଥାରେ କିଛିଲୋକ

ଆମ ଉପରେ ରାଗିଯାଇ ପାରନ୍ତି, କିନ୍ତୁ ଆମେ କହୁଥିବା ଯଥାର୍ଥକୁ ଥରେ ଦେଖନ୍ତୁ, ତାପରେ ଆମକୁ ଯାହା ଇଚ୍ଛା ତାହା କହନ୍ତୁ! ଘଟିଥିବା ଗୋଟିଏ ଘଟଣାରେ ହିନ୍ଦୁମାନେ ଅନ୍ୟ ମତାବଲମ୍ବୀ ମାନଙ୍କ ଆଗରେ ମଥାଟେକି ଚାଲିବେ କି ମଥାନୋଇଁ ଚାଲିବେ ଆପଣମାନେ ହିଁ ବିଚାର କରିବେ!

ଏପର୍ଯ୍ୟନ୍ତ ଇନ୍ଦୁମତ ବାବଦରେ ଲେଖୁଥିବା ଆମେ ବାସ୍ତବରେ ହିନ୍ଦୁ। ଉପରକୁ ଆମେ ହିନ୍ଦୁ ହେଲେବି ଭିତରେ ଇନ୍ଦୁ ପଥରେ ଚାଲୁଛୁ। ଆମେ ଇନ୍ଦୁପଥର ଲୋକ ବୋଲି ଆମେ ଜାଣିଥିଲେ ମଧ୍ୟ, ଆପଣ ଜାଣିବା ଭଳି ଆମେ ହିନ୍ଦୁମତରେ ଅଛୁ । ଯିଏ ଯାହା ଭାବିଲେ ମଧ୍ୟ ଆମେ ମତକୁ ପ୍ରାଧାନ୍ୟ ନଦେଇ ବଞ୍ଚୁଛୁ । ଆମପାଇଁ ମତ ମୁଖ୍ୟ ନୁହେଁ ପଥ ମୁଖ୍ୟ । ତେଣୁ କୌଣସି ମତରେ ଥିବା ଦୈବଜ୍ଞାନକୁ ଆମେ ସ୍ୱୀକାର କରୁଛୁ, ହେଲେ କୌଣସି ମତର ଅଜ୍ଞାନକୁ ସହିପାରୁ ନାହୁଁ । ଈଶ୍ୱର ସର୍ବମାନବ ସମ୍ବନ୍ଧୀୟ, ସେହିଭଳି ତାଙ୍କ ଜ୍ଞାନ ସମସ୍ତଙ୍କର । ସର୍ବସମ୍ମତ ଜ୍ଞାନ କୌଣସି ମତରେ ଥିଲେ ମଧ୍ୟ ତାହା ଯେତିକି ତୁମ ସମ୍ବନ୍ଧୀୟ ସେତିକି ମୋ ସମ୍ବନ୍ଧୀୟ, ତେଣୁ ଦୈବଜ୍ଞାନକୁ କୌଣସି ମତରୁ ଆମେ ଗ୍ରହଣ କରିପାରିବା । ସେହିଭଳି ଦୈବଜ୍ଞାନ ନାମରେ କୌଣସି ମତରେ ଥିବା ମାୟାଜ୍ଞାନକୁ ସଂପୂର୍ଣ୍ଣ ଖଣ୍ଡନ କରିପାରିବା । ଅଜ୍ଞାନକୁ ଖଣ୍ଡନ କରିବା କର୍ତ୍ତବ୍ୟ ସମସ୍ତଙ୍କର । ଏହି ସୂତ୍ର ଅନୁସାରେ ଦୈବଜ୍ଞାନ ବା ଈଶ୍ୱରଙ୍କ ଜ୍ଞାନ ଖ୍ରୀଷ୍ଟମତରେ ଥାଉ, ଇସ୍ଲାମରେ ଥାଉ କି ହିନ୍ଦୁମତରେ ଥାଉ ମୁଁ ତାର ପ୍ରଶଂସା କରିଥାଏ, ସେହିଭଳି ଦୈବଜ୍ଞାନର ବ୍ୟତିରେକ ହୋଇଥିବା ମାୟାଜ୍ଞାନ କୌଣସି ମତରେ ଥାଉ ମୁଁ ତାହା ଖଣ୍ଡନ କରିଥାଏ । ଏହା ହିଁ ମୋର କର୍ତ୍ତବ୍ୟ ।

ଏହି ନେପଥ୍ୟରେ ଖ୍ରୀଷ୍ଟମତରେ ଦୈବଜ୍ଞାନର ବ୍ୟତିରେକ ହୋଇ ରହିଥିବା ମାୟାଜ୍ଞାନ ମୋ ଆଖିକୁ ଦେଖାଯାଇଛି, ତେଣୁ ମୋ କର୍ତ୍ତବ୍ୟ ଅନୁସାରେ ମୁଁ ମାୟାଜ୍ଞାନକୁ ଖଣ୍ଡନ କରି, ଦୈବଜ୍ଞାନର ବିବରଣୀ କହିବାକୁ ପଡିଛି । ମୁଁ ଦିନେ ହାଇଦ୍ରାବାଦରେ କୁଆଡେ ଯାଉଥିଲି । ରାସ୍ତାରେ ଯାଉଥିବା

ବେଳେ ମୋ କାରର ଝରକା ବନ୍ଦକରିବା ପାଇଁ କଡକୁ ଦେଖିଲି, ସେତେବେଳେ ସେହି ସ୍ଥାନରେ ଏକ କମ୍ପାଉଣ୍ଡ୍ କାନ୍ଥରେ ବଡବଡ ଅକ୍ଷରରେ ସୃଷ୍ଟିକର୍ତ୍ତା କୋର୍ଡ ୬୬୬ ଲେଖାଯାଇଥିଲା । ଦେଖୁ ଦେଖୁ ମୋ ସହିତ ଥିବା ବ୍ୟକ୍ତିକୁ ଦେଖାଇ, "ଏଠି କିଏ ଜଣେ କେତେ ଭୁଲ୍ କଥା ଲେଖିଛି ଦେଖନ୍ତୁ ତ ! ସୃଷ୍ଟିକର୍ତ୍ତା କୋର୍ଡ ୯୬୩ ବୋଲି ଲେଖିବା ଉଚିତ୍ । ଯିଏ ବା ଯେଉଁମାନେ ଲେଖିଛନ୍ତି ସେମାନେ ଏଠାରେ ମାୟା ନମ୍ବର ହିଁ ଲେଖିଛନ୍ତି । ମାୟା ନମ୍ବରକୁ ଈଶ୍ୱରଙ୍କ ନମ୍ବର କହିବା ଭୁଲ୍" ବୋଲି କହିଲି । ଆଉଟିକିଏ ଦୂର ଯିବା ପରେ ଗୋଟିଏ ଜାଗାରେ ଗୋଟିଏ ଓାଲ୍‌ପେପର୍ ଦେଖିଲି । ସେଥିରେ ମଧ୍ୟ ସୃଷ୍ଟିକର୍ତ୍ତା କୋର୍ଡ ୬୬୬ ଲେଖାଯାଇ ତାପାଖରେ ଯୋହନଙ୍କ ପ୍ରତି ପ୍ରକାଶିତ ବାକ୍ୟ ୧୩-୧୮ ବୋଲି ବ୍ରାକେଟରେ ଲେଖାଯାଇଛି । ସେତେବେଳେ ମୁଁ ଜାଣି ପାରିଲି ଯେ ଏହା ବାଇବେଲ ପ୍ରଚାର ! ତାପରେ ଘରକୁ ଆସି ବାଇବେଲ କାଢି ଯୋହନଙ୍କ ପ୍ରତି ପ୍ରକାଶିତ ବାକ୍ୟରେ ଥିବା ୧୩ତମ ଅଧ୍ୟାୟର ୧୮ତମ ବାକ୍ୟ ପଢିଲି, କିନ୍ତୁ ତାହା ଈଶ୍ୱରଙ୍କ କୋର୍ଡ ହୋଇପାରିବ ନାହିଁ ବୋଲି ଜାଣିବା ପରେ ସାଙ୍ଗେ ସାଙ୍ଗେ ଯୋହନଙ୍କ ପ୍ରତି ପ୍ରକାଶିତ ବାକ୍ୟରେ ଥିବା ୨୨ତମ ଅଧ୍ୟାୟକୁ ପଢିଲି । ସେତେବେଳେ ତାହା ସାତାନ୍(ମାୟା) କୋର୍ଡ ବୋଲି ସ୍ପଷ୍ଟ ହୋଇଗଲା । ତାଦ୍ୱାରା ସେମାନେ କାନ୍ଥରେ ଯାହା ଲେଖିଛନ୍ତି ସଂପୂର୍ଣ୍ଣ ଭୁଲ୍ ବୋଲି ଜାଣି ପାରିଲି । ବାଇବେଲର ଯୋହନଙ୍କ ପ୍ରତି ପ୍ରକାଶିତ ବାକ୍ୟରେ ଥିବା ୧୩-୧୮ରେ **"ଯେଉଁ ଲୋକର ବୁଦ୍ଧି ଅଛି, ସେ ପଶୁର ସଂଖ୍ୟାର ଅର୍ଥକୁ ଠିକ୍ ରୂପ ଦେଇପାରିବ । ଏଥିପାଇଁ ବୁଦ୍ଧି ଆବଶ୍ୟକ କାରଣ ଏହି ସଂଖ୍ୟା ଗୋଟିଏ ଗୋଟିଏ ମନୁଷ୍ୟର ସଂଖ୍ୟା, ତାହାର ସଂଖ୍ୟା ହେଉଛି ୬୬୬"** ବୋଲି ଲେଖାଯାଇଛି । ଏହି ବାକ୍ୟ ଅନୁସାରେ ତାହା ଦୈବସଂଖ୍ୟା ନୁହେଁ ଜାଣି ହୋଇଗଲା, କିନ୍ତୁ ମାୟା ନମ୍ବର କୁହାଯାଇଥିବା ୬୬୬କୁ ଦୈବନମ୍ବର ଭାବରେ କାହିଁକି,

କେଉଁ ଆଧାରରେ ଲେଖିଛନ୍ତି ବୋଲି ସେଥିରେ ଥିବା ସବୁ ଅଧ୍ୟାୟକୁ ପଢି ମଧ୍ୟ ପାଇଲି ନାହିଁ । ସେତେବେଳେ ଏହି ନମ୍ବରକୁ ଦୈବନମ୍ବର ବୋଲି ଯିଏ ସୃଷ୍ଟିକର୍ତ୍ତା କୋର୍ଡ *୬୬୬* ଲେଖିଛି ତାକୁ ପଚାରିଲେ ତାର ବିବରଣୀ ଜାଣିହେବ ବୋଲି ଭାବିଲି । ତାପରେ ସେ ବ୍ୟକ୍ତିମାନଙ୍କ ସହିତ ସାକ୍ଷାତ ହେଲା, ଆମେ କଥାହେଲୁ ମଧ୍ୟ । ସେମାନଙ୍କ ସହିତ ଆମେ ଯେଉଁ କଥା ହୋଇଥିଲୁ ତାହା **"ଈଶ୍ୱରଙ୍କ ସଙ୍କେତ -୯୬୩, ମାୟା ସଙ୍କେତ-*୬୬୬*"** ନାମକ ଗ୍ରନ୍ଥରେ ଲେଖିଛୁ । ସେମାନଙ୍କ ସହିତ ଯେଉଁ ଆଳାପ ହୋଇଥିଲା ତାଦ୍ୱାରା ସେମାନଙ୍କ ପାଖରେ ଆମ ପ୍ରଶ୍ନର ଉଚିତ ସମାଧାନ ନାହିଁ ବୋଲି ଜଣାପଡିଗଲା । ସେମାନେ *୬୬୬*କୁ ମାୟା ନମ୍ବର ବୋଲି ସ୍ୱୀକାର କରି ମଧ୍ୟ ତାହା ଈଶ୍ୱରଙ୍କ ସଙ୍କେତ କହିବା ପାଇଁ ଚେଷ୍ଟା କରିଥିଲେ ।

ସେତେବେଳେ *୬୬୬* ମାୟାର ସଙ୍କେତ ସିନା, ଈଶ୍ୱରଙ୍କ ସଙ୍କେତ ନୁହେଁ ବୋଲି ବିବରଣାତ୍ମକ ଜଣାଇବାକୁ ଇଚ୍ଛା କରୁଥିବା ଆମେ ଏକ ସ୍ୱତନ୍ତ୍ର ପୁସ୍ତକ ଲେଖିବାକୁ ପଡିଲା । ସେଥିରେ ଈଶ୍ୱରଙ୍କ ସଙ୍କେତ କଣ ବୋଲି ମଧ୍ୟ ଲେଖିଥିଲୁ । ସେହି ସନ୍ଦର୍ଭରେ ମାୟା ଦୈବଗ୍ରନ୍ଥରେ କିପରି ସ୍ଥାନ ସଂରକ୍ଷଣ କରିଛି ଜଣାଇବା ପାଇଁ ବାଇବେଲର ଏକ ଘଟଣାକୁ ଉଦାହରଣ ଭାବରେ ଜଣାଇ ଏହା ଈଶ୍ୱର କହିନାହାନ୍ତି ବୋଲି ଜଣାଇବାକୁ ପଡିଥିଲା । ବାଇବେଲ୍ ଆଦିକାଣ୍ଡର ପ୍ରଥମ ଅଧ୍ୟାୟରେ ଥିବା ସୃଷ୍ଟି ବିଧାନକୁ ଆମେ ଖଣ୍ଡନ କରିବା ଦ୍ୱାରା କିଛି ଖ୍ରୀଷ୍ଟିଆନମାନେ ଦୁଃଖିତ ହୋଇଥିଲେ ମଧ୍ୟ, ବୁଦ୍ଧି ବିଚାର ଥିବା, ବିଜ୍ଞାନ ଜାଣିଥିବା ଖ୍ରୀଷ୍ଟିଆନମାନେ ଆମ କଥାକୁ ସ୍ୱୀକାର କରିଥିଲେ, ସେଠାରେ ଆମ କଥାକୁ ଖଣ୍ଡନ କରିବା ପାଇଁ କୌଣସି ରାସ୍ତା ନଥିଲା, ତେଣୁ ସେ ବିଷୟରେ ଖ୍ରୈସ୍ତବ ସୋଦରମାନେ କିଛି କହି ପାରିଲେ ନାହିଁ । ଆମେ ଦୈବଜ୍ଞାନକୁ ସମର୍ଥନ କରିବା ସହିତ ମାୟାଜ୍ଞାନକୁ ବିମର୍ଶ କରି ଯେଉଁ ପୁସ୍ତକ ଲେଖିଥିଲୁ ତାହା ଦଶହଜାର ଛପାଇ ମାଗଣାରେ

ବାଣ୍ଟିଥିଲୁ, ସେହି ନେପଥ୍ୟରେ ଏହା ଦୈବଜ୍ଞାନ ଏହା ମାୟାଜ୍ଞାନ ବୋଲି ଜଣାଇ ୨୦ହଜାର ୱାଲ୍‌ପେପର ସାରା ରାଜ୍ୟରେ ଲଗାଇଥିଲୁ । ତାଛଡା ସାରା ରାଜ୍ୟରେ ସୃଷ୍ଟିକର୍ତ୍ତା କୋର୍ଡ ବା ଈଶ୍ୱରଙ୍କ ସଙ୍କେତ**୯୬୩,** ମାୟା କୋର୍ଡ ***୬୬୬*** ବୋଲି ରଙ୍ଗରେ ଅନେକ କାନ୍ଥରେ ଲେଖାଇଥିଲୁ । ଏଭଳି କରିବା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ତା ଉପରେ ପଡି ତାର ବିବରଣ ଜାଣିବା ପାଇଁ ଇଚ୍ଛୁକ ହେବେ ବୋଲି ଭାବିଥିଲୁ । ଆମେ ଯାହାସବୁ କାନ୍ଥରେ, ୱାଲ୍‌ପେପର୍‌ରେ ଲେଖିଥିଲୁ ତାର ବିବରଣୀ ମଧ୍ୟ ଅମୁକ ଯାଗାରେ ମିଳିବ ବୋଲି ଜଣାଇ ଆଡ୍ରେସ ଲେଖିଥିଲୁ । ଈଶ୍ୱରଙ୍କ ସଙ୍କେତ–୯୬୩ ବୋଲି ଯେଉଁଠି ଲେଖିଥିଲୁ ତାହା ଭଗବଦ୍ଗୀତାର ଜ୍ଞାନ ବୋଲି ଭଗବଦ୍ଗୀତା, ଅ. ୧୫, ଶ୍ଲୋକ –୧୬/୧୭ ବୋଲି ଲେଖି, ମାୟା କୋର୍ଡ *୬୬୬* ଲେଖିଥିବା ଯାଗାରେ ଭଗବଦ୍ଗୀତା, ଅ. ୧୬, ଶ୍ଲୋକ –୧୪ ବୋଲି ମଧ୍ୟ ଲେଖିଥିଲୁ । ତାହା ଦେଖିବା ଲୋକେ ଏହା ଭଗବଦ୍ଗୀତାର ଅମୁକ ବିଷୟ ବୋଲି ସହଜରେ ଜାଣିପାରିବା ପାଇଁ ଏଭଳି ଲେଖିଥିଲୁ ।

ଭଗବଦ୍ଗୀତାରେ ଏତେ ମହାନ ରହସ୍ୟ ଅଛି ବୋଲି ବାହାରକୁ କୌଣସି ହିନ୍ଦୁ ହେଉ, କୌଣସି ହିନ୍ଦୁ ମତସଂସ୍ଥା ହେଉ ପ୍ରଚାର କରିନଥିଲେ ମଧ୍ୟ, ପ୍ରଥମକରି ଆମେ ସାରା ରାଜ୍ୟରେ ଗୀତା ନାମରେ ପ୍ରଚାର କରିଥିଲୁ, ସେତେବେଳେ ଏହି କାର୍ଯ୍ୟପାଇଁ ପ୍ରାୟ ୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଏଥିପାଇଁ ହିନ୍ଦୁମାନେ କେତେ ଖୁସି ହେବା ଉଚିତ୍ । ଯଦି ଦୁଃଖ କରିବା କଥା ତେବେ ଖ୍ରୀଷ୍ଟିଆନମାନେ କରିଥାନ୍ତେ, କିନ୍ତୁ ଆମେ ଯାହା ଭାବୁଥିଲୁ ତାହା ଓଲଟା ହେଲା । ଏଥିରେ ଖ୍ରୀଷ୍ଟିଆନମାନେ ଖୁସିହେଲେ, ଯିଏ ବି ହେଉ କେତେ ସାହାସ ସଞ୍ଚୟ କରି ଲେଖିଛନ୍ତି ବୋଲି କହିଲେ । ବାଇବେଲ ଅନୁସାରେ ମଧ୍ୟ *୬୬୬* ମାୟା ନମ୍ବର, ଏକଥାକୁ ଗୀତା ମଧ୍ୟ ବଳ ଯୋଗାଇଛି, ଏକଥା ଗୀତାରେ ମଧ୍ୟ ଆଗରୁ ଥିଲା ବୋଲି ଆମେ ଜଣାଇଥିବା ସତ୍ୟ ଆହୁରି ବଳଶାଳୀ ହୋଇଥିଲା, କିନ୍ତୁ ହିନ୍ଦୁମାନେ

ଆମକାମ ଦେଖି ଦୁଃଖିତ ହୋଇଥିଲେ । କାନ୍ଥ ଲେଖାରେ ଭଗବଦ୍ଗୀତା ବୋଲି ଥିଲେ ମଧ୍ୟ, ଅଧ୍ୟାୟ ସଂଖ୍ୟା, ଶ୍ଳୋକ ସଂଖ୍ୟା ଥିଲେ ମଧ୍ୟ, ତାହା ସେମାନଙ୍କୁ ମହାନ ନଲାଗି ନୀଚ ଦେଖାଗଲା । କର୍ଣ୍ଣୁଲ ଜିଲ୍ଲାର ମହାନନ୍ଦିରେ ଆମେ ଲଗାଇଥିବା ପୋଷ୍ଟର ଠିକ୍ ନୁହେଁ ବୋଲି ହିନ୍ଦୁମାନେ ଖବର-କାଗଜରେ ବାହାରକଲେ । ଭଗବଦ୍ଗୀତା ନାଆଁରେ ଆମେ ଅସଭ୍ୟ ଭାଷା ଲେଖିଛୁ ବୋଲି ଆରୋପଣ କଲେ । ଏହା ସାଧାରଣ ଲୋକେ ନୁହନ୍ତି ହିନ୍ଦୁମତର ରକ୍ଷା କରୁଛୁ କହୁଥିବା ସଂସ୍ଥାର ଲୋକମାନେ ହିଁ କରିଥିଲେ । ସେହି ପରିଷଦର ଲୋକମାନେ ଆମେ ପୋଷ୍ଟରରେ ଦେଇଥିବା ଆଡ୍ରେସ ଧରି ଆମ ନାଆଁରେ ପୋଲିସ୍ ଷ୍ଟେଷନରେ କେସ୍ ମଧ୍ୟ ଦେଇଥିଲେ । ହର୍ମ୍ପି ପାଖରେ ଥିବା କୌଣସି ଏକ ଦେବାଳୟ କାନ୍ଥରେ ଆମେ ଲେଖିଛୁ ବୋଲି ସେମାନଙ୍କ ଅଭିଯୋଗ ଥିଲା । ଏହା ସେମିତି କିଛି ବଡକଥା ନୁହେଁ ବୋଲି ପୋଲିସ୍ କହିଲେ ମଧ୍ୟ, ପୋଲିସ୍ ସେ ଲେଖାକୁ ସେମାନଙ୍କ ହାତରେ ଲିଭାଇଥିଲେ ମଧ୍ୟ ନଛାଡି ଆମ ନାଆଁରେ କେସ୍ ଲେଖିଥିଲେ । ଏକଥା ପୋଲିସ୍ ଆମକୁ ଜଣାଇବା ପରେ, ଆମର ଦୁଇଜଣ ଜ୍ଞାନ ଜାଣିଥିବା ବ୍ୟକ୍ତି କୋଟରେ ହାଜର ହୋଇ, କୌଣସି ପ୍ରଶ୍ନର ଜବାବ ଦେବାପାଇଁ ପ୍ରସ୍ତୁତ ଥିଲେ, କିନ୍ତୁ କୋଟର ନ୍ୟାୟାଧିପତି ଏମାନଙ୍କୁ କୌଣସି ପ୍ରଶ୍ନ ନ ପଚାରି କୋଡିଏ ଦିନ ଜେଲଦଣ୍ଡ ଦେଇଥିଲେ । ଦୈବବିଷୟରେ ଆମ ପ୍ରାଣ ମଧ୍ୟ ଆମେ ସହଜରେ ଦେଇପାରିବୁ ବୋଲି ଭାବୁଥିବା ଆମ ଲୋକ ଦୁହେଁ, ଏହା ମାୟାର ଅବରୋଧ ବୋଲି ଭାବି, ଏଥିରେ ଆମର କୌଣସି ଦୁଃଖ ନାହିଁ କହି ୨୦ଦିନ ଜେଲଦଣ୍ଡକୁ ଖୁସିରେ ବିତାଇଦେଲେ । ଆମେ ଲେଖିଥିବା ଲେଖାକୁ ଭଗବଦ୍ଗୀତା ନାଆଁ ଦେବା ଦ୍ୱାରା ଖ୍ରୀଷ୍ଟିଆନମାନେ ଦୁଃଖିତ ହୋଇ ଯଦି କେସ୍ କରିଥାନ୍ତେ ତେବେ ସେମାନେ ମତ ଦ୍ୱେଷରେ କରିଛନ୍ତି ବୋଲି ଭାବି ପାରନ୍ତେ, କିନ୍ତୁ ଭଗବଦ୍ଗୀତା ନାଆଁ ଥାଇ ହିନ୍ଦୁମାନେ ହିନ୍ଦୁମାନଙ୍କ ଉପରେ କେସ୍ ଦେବା ବାସ୍ତବରେ ଆଶ୍ଚର୍ଯ୍ୟ ବିଷୟ ହୁଏ ।

ଏହି କାଣ୍ଡ ଯେଉଁମାନେ ଘଟାଇଲେ ସେମାନେ ପୁଣି ହିନ୍ଦୁମତର ରକ୍ଷା କରୁଛୁ କହୁଥିବା ଲୋକମାନେ ! ଏହା ଆହୁରି ବିଶ୍ମୟକର ବିଷୟ । ଏସବୁ ଦେଖୁଥିବା ଆମେ ଏ ବାବଦରେ ଆଉ ଏକ ଗ୍ରନ୍ଥ ଲେଖିବାକୁ ଭାବିଲୁ । ସେହି ପୁସ୍ତକହିଁ ଆପଣ ଏବେ ପଢୁଥିବା ପୁସ୍ତକ । ଖ୍ରୀଷ୍ଟ ମତର ଅଜ୍ଞାନକୁ ଖଣ୍ଡନ କରିବା ପାଇଁ ଆମେ କେଇଲକ୍ଷ ଟଙ୍କା ଖର୍ଚ୍ଚକରି ସାରା ରାଜ୍ୟରେ ୱାଲ୍‌ରେ ଲେଖାଇବା, ପୋଷ୍ଟର ଛାପି ଲଗାଇବା ଇତ୍ୟାଦି ସହିତ **ଈଶ୍ୱରଙ୍କ ସଙ୍କେତ-୯୬୩** ନାମକ ଗ୍ରନ୍ଥ ଲେଖି ବାଣ୍ଟିବା ଇତ୍ୟାଦି କାର୍ଯ୍ୟ କରିଛୁ । ଆମେ କରିଥିବା ଏହି କାର୍ଯ୍ୟ ଦେଖି, ହିନ୍ଦୁମାନଙ୍କ ଅଜ୍ଞାନତାକୁ ଦେଖି, ସେମାନଙ୍କ ଅଜ୍ଞାନତା ଦୂର କରିବା ପାଇଁ, ସେମାନଙ୍କଠାରେ ଜ୍ଞାନଜାତ କରିବା ପାଇଁ ଆପଣ ପଢୁଥିବା ଏଇ **"ମତ-ପଥ"** ନାମକ ପୁସ୍ତକ ଲେଖିବାକୁ ପଡିଛି ।

ଏହି ପୁସ୍ତକ ଦ୍ୱାରା ଆମେ ହିନ୍ଦୁମାନଙ୍କୁ ପଚାରୁଛୁ ଯେ, ଭଗବତ୍ ଗୀତା ବୋଲି ନାଆଁ ଦେଇ ଆମେ ଲେଖିଥିବା ଲେଖା କିପରି ଅସଭ୍ୟ ବୋଧହେଲା ? ଯଦି ସେଥିରୁ ସେଭଳି କିଛି ଲୋପ ଦେଖିବାକୁ ପାଇଲେ ତେବେ, ସେଥିରେ ଆମେ ଲେଖିଥିବା ଆଡ୍ରେସ ଦ୍ୱାରା ଆମ ସହିତ ସାକ୍ଷାତ କରି କଣ ଆଲୋଚନା କରିପାରି ନଥାନ୍ତେ ! ତା'ନକରି ଖବର କାଗଜରେ ଅସଭ୍ୟ ଶବ୍ଦକୁ ବ୍ୟବହାର କରି ଖବର ଲେଖାଇବା ଦ୍ୱାରା ଭଗବଦ୍ଗୀତାକୁ ଆପଣମାନେ କି ସମ୍ମାନ ଦେଲେ ! ଏକଥା ସ୍ୱତନ୍ତ୍ର ଭାବରେ ମହାନନ୍ଦିର ସେହିମାନଙ୍କୁ ପ୍ରଶ୍ନ କରୁଛୁ, ଆମ ନାଆଁରେ କେସ ଦେଇଥିବା ହମ୍ପିର ଲୋକମାନଙ୍କୁ ପଚାରୁଛୁ ବୋଲି ଭାବନ୍ତୁ, ସେମାନଙ୍କୁ ପୁଣି ପଚାରୁଛୁ ଯେ, ଆମେ ଦେବାଳୟ କାନ୍ଥରେ ପୋଷ୍ଟର ଲଗାଇଥିଲୁ, ତାହା ନ୍ୟାୟ ବ୍ୟବସ୍ଥା ଦୃଷ୍ଟିରୁ ଭୁଲ୍ ବୋଲି ଆପଣମାନେ ଆମ ନାଆଁରେ କେସ୍ ଦେଲେ ! ଏବେ ଏଥିରେ ଆମର କି ଦୋଷ ରହିଲା ? ବୋଲି ପଚାରୁଛୁ । ଆମେ ଦେବାଳୟ ପାଚେରି କାନ୍ଥରେ ସିଗାରେଟ୍ ପ୍ରଚାର କି କେଉଁ ବାଣିଜ୍ୟ ପ୍ରଚାର କରିଥିଲେ

ଆମର ଭୁଲ୍ ହୋଇଥାନ୍ତା, ହେଲେ ସେଠାରେ ଭଗବଦ୍ଗୀତା ପ୍ରଚାର ଲେଖି ଆମେ କି ଭୁଲ୍ କରିଥିଲୁ ? ତାମଧ୍ୟ ଆମେ ସେଠିକାର ନିୟମ ନଜାଣି ଲେଖିଥିଲୁ ସିନା ଜୋର ଜବରଦସ୍ତ୍ ଲେଖିନଥିଲୁ । ତାହା ଲେଖିବା ଦ୍ୱାରା ସେଠିକାର ସମାଜର ମଙ୍ଗଳ ହେବ କି ଅମଙ୍ଗଳ ହେବ ବିଚାର ନକରି ତାହା ଭୁଲ୍ ବୋଲି କିପରି ନିର୍ଣ୍ଣୟ ନେଲେ ? ଯଦି ତାହା ଭୁଲ୍ ବୋଲି ନ୍ୟାୟଧିଶ ନିର୍ଣ୍ଣୟ ନେଲେ, ତାପାଇଁ ଶହେ ଦୁଇଶହ ଜୋରିମନା କରିପାରିଥାନ୍ତେ ! ତା'ନକରି ଚାରିହଜାର ଟଙ୍କା ଜୋରିମାନ କରି, ତାହା ନଦେଲେ ୨୦ଦିନ ଜେଲ୍ ବୋଲି ନିର୍ଣ୍ଣୟ କରିବା କେଉଁ ଦିଗରୁ, କେତେଦୂର ଠିକ୍ ହେଲା ବୋଲି ପଚାରୁଛୁ । ଯଦି ଏକଥାକୁ ନ୍ୟାୟସ୍ଥାନ ଦୋଷ ଦେଲା, ତେବେ ଖ୍ରୀଷ୍ଟିଆନମାନେ ସେମାନଙ୍କ ଚର୍ଚ୍ଚ କାନ୍ଥରେ ଯୀଶୁଙ୍କ ବାବଦରେ ଅନେକ ବିଷୟ ଲେଖୁଛନ୍ତି କଣ ତାହା ଭୁଲ୍ ନୁହେଁ ? ଯଦି ଏଭଳି ନ୍ୟାୟବାଦୀ ଖ୍ରୀଷ୍ଟମତରେ ହେବେ ତେବେ ଖ୍ରୀଷ୍ଟିଆନମାନେ ସେ ନ୍ୟାୟବାଦୀକୁ ସେମାନଙ୍କ ମତରୁ ହିଁ ବାହାର କରିଦେବେ । ଗତ କାଳରେ ବର୍ଣ୍ଣାଳ ନାମକ ଜଣେ ସିଖ୍ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ଥିବାବେଳେ ସିଖ୍ମାନଙ୍କ ବ୍ୟତିରେକ କଥା କହିବା ଦ୍ୱାରା, ସିଖ୍ମାନଙ୍କ ଧର୍ମଗୁରୁମାନେ ତାଙ୍କୁ ଦଣ୍ଡ ଦେବାକୁ ଯାଇ, ସେମାନଙ୍କ ସ୍ୱର୍ଣ୍ଣମନ୍ଦିରକୁ ଆସୁଥିବା ଭକ୍ତମାନଙ୍କର ଜୋତା ସଫା କରିବାପାଇଁ ଆଦେଶ ଦେଇଥିଲେ । ଅନ୍ୟ ମତଗୁଡିକରେ ଅଧିକ ଜ୍ଞାନ ନଥିଲେ ମଧ୍ୟ ସେମାନେ ଯେଉଁଭଳି କ୍ରମଶିକ୍ଷଣ ଦ୍ୱାରା ସେମାନଙ୍କ ଈଶ୍ୱରଙ୍କୁ ମାନୁଛନ୍ତି, ହିନ୍ଦୁମାନେ କାହିଁକି ସେଭଳି ମାନୁନାହାନ୍ତି ? ଇଲେକ୍ସନ୍ ସମୟରେ ଦେଖାଯାଉଥିବା କାନ୍ଥ ଆମର କହି ନାନା କଥା ଲେଖୁଥିବା ନାୟକମାନଙ୍କ ନାଆଁରେ କେସ୍ ଦେଇପାରୁ ନଥିବା ଆପଣମାନେ ଭଗବଦ୍ଗୀତା ବାକ୍ୟକୁ ଭୁଲ୍ ଦେଇ କେସ୍ ଦେବା, ସେକଥା ଅସଭ୍ୟ କଥା କହି ଖବର କାଗଜରେ ଦେବା କେଉଁଠିକାର ବିଚାର ? ଏକଥା ହିନ୍ଦୁମତ ରକ୍ଷକମାନେ ହିଁ ବିଚାର କରନ୍ତୁ ।

ଆମେ କରିଥିବା ପ୍ରଚାରକୁ ହିନ୍ଦୁମାନେ ଖରାପ ଭାବରେ ଚିହ୍ନିଛନ୍ତି, ଆମକୁ ଦଣ୍ଡ ଦେଇଛନ୍ତି ବୋଲି ଜାଣିପାରିଥିବା ଅନ୍ୟ ମତଗୁଡିକ ଭିତରୁ ଗୋଟିଏ ମତର ଜଣେ ବ୍ୟକ୍ତି ଆମ ପାଖକୁ ଆସି, "ଆପଣଙ୍କ ମତରେ ଜ୍ଞାନ ନାହିଁ ବୋଲି ଏବେ ଆପଣ ସ୍ୱୀକାର କରୁଛନ୍ତି ତ ! ବୋଲି ପଚାରି ଏତେ ମହାନ ଜ୍ଞାନ ଜାଣିଥିବା ଆପଣ ଆମମତକୁ ଚାଲିଆସନ୍ତୁ, ଆପଣଙ୍କୁ ଆମେ ଖୁବ୍ ସମ୍ମାନ ଦେବୁ, ଆପଣଙ୍କ କଥା ଶୁଣୁଥିବା ଲୋକେ ଆପଣଙ୍କ ସଂଘରେ ପ୍ରାୟ ଦଶହଜାର ଅଛନ୍ତି, ଆପଣମାନେ ଆମ ମତ ଭିତରକୁ ଆସିଲେ ଖୁବ୍ ଭଲହେବ, ଆପଣମାନେ ଅମିତ ଗୌରବ ପାଇବେ, ଯେଉଁ ମାନସମ୍ମାନ ଆପଣମାନେ ଆପଣଙ୍କ ମତରେ ପାଇନାହାନ୍ତି ତାହା ଆମ ମତରେ ଆମେ ଆପଣଙ୍କୁ ନିଶ୍ଚୟ ଦେବୁ" ବୋଲି କହିଥିଲେ। ସେହିଭଳି ଆଉଏକ ମତର ଲୋକେ ଆସି, "ଆମ ମତରେ ଆମ ଈଶ୍ୱରଙ୍କୁ ନିନ୍ଦା କରୁଥିବା ଲୋକେ ଯଦି କେହି ବାହାରନ୍ତି, ସେ ପ୍ରଧାନମନ୍ତ୍ରୀ ହେଲେ ମଧ୍ୟ ଆମେ ତାକୁ ଛାଡିବୁ ନାହିଁ, ମାରିଦେବୁ, ଦୈବ ବ୍ୟତିରେକ ଛୋଟ ସମସ୍ୟା ପାଇଁ ମଧ୍ୟ ଆମ ମତରେ ଆମେ ସମସ୍ତେ ଏକାଠି ହୋଇଥାଉ । ଆପଣ ଆପଣଙ୍କ ମତରେ କେତେ ମହାନ ବ୍ୟକ୍ତି ତାହା ଆମେ ଭଲରେ ଜାଣି ପାରିଥିଲେ ମଧ୍ୟ ଆପଣଙ୍କ ମତର ଲୋକମାନେ ଆପଣଙ୍କୁ ଚିହ୍ନିପାରୁ ନାହାନ୍ତି । ଜ୍ଞାନହୀନମାନେ ଥିବା ଆପଣଙ୍କ ମତକୁ ଛାଡି ଆପଣ ଆମ ମତକୁ ଚାଲିଆସନ୍ତୁ" ବୋଲି ଡାକିଥିଲେ ।

ସେମାନେ ଆମ ଉପରେ ରଖିଥିବା ଅଭିମାନ (ଉନ୍ନତ ମୂଲ୍ୟାଙ୍କନ) କାରଣରୁ ଏକଥା କହୁଛନ୍ତି ବୋଲି ଆମେ ବହୁତ ଖୁସି, କିନ୍ତୁ ଆମପାଇଁ ମତ ମୁଖ୍ୟ ନୁହେଁ, ପଥ ମୁଖ୍ୟ ହୋଇଥିବାରୁ ମୁଁ କାହାକଥା ଶୁଣିପାରିବି ନାହିଁ । ମତ ମଝିରେ ଆସିଛି ତେଣୁ ତା ଉପରେ ମୁଁ ପ୍ରାଧାନ୍ୟତା ଦିଏ ନାହିଁ । ଯଦି ହିନ୍ଦୁମାନେ ଆମ ଉପରେ କରିଥିବା ବ୍ୟବହାରକୁ କେନ୍ଦ୍ର କରି ମୁଁ ଅନ୍ୟ ମତ ଗ୍ରହଣ କରିଥାନ୍ତି ତେବେ, ମୋକଥା ଶୁଣୁଥିବା ମୋର ଦଶହଜାର ଲୋକ

ମଧ୍ୟ ନିଜର ମତ ବଦଳାଇ ଦେଇଥାନ୍ତେ ! ଏବେ ଆପଣମାନେ ହିଁ କୁହନ୍ତୁ ହିନ୍ଦୁ ମତରକ୍ଷଣ ସଂସ୍ଥା କାରଣରୁ କଣ ହୋଇଯାଇଥାନ୍ତା ! ! ସେମାନଙ୍କ କାରଣରୁ ଦଶହଜାର ହିନ୍ଦୁ ଅନ୍ୟମତକୁ ଚାଲିଗଲେ, ସେମାନେ ମତରକ୍ଷଣ କରିଥିବା ଭଳି ହୋଇଥାନ୍ତା ? କି ମତଭକ୍ଷଣ କରିବା ଭଳି ହୋଇଥାନ୍ତା ? ଏକଥା ପାଠକରୁଥିବା ଆପଣମାନେ ହିଁ ବିଚାର କରନ୍ତୁ ! ହିନ୍ଦୁମାନେ ଆମ ମତ ଲୋପ ପାଇଯାଉଛି ଆମେ ତାର ରକ୍ଷା କରିବୁ କହି ଦଳବାନ୍ଧି ମତ ରକ୍ଷଣ ସଂସ୍ଥା ସ୍ଥାପନ କରିଛନ୍ତି, ତାହା ଖୁବ୍ ଭଲକଥା, ହେଲେ ସେମାନଙ୍କ ଭିତରେ ଟିକିଏ ମଧ୍ୟ ଦୈବଜ୍ଞାନ ନଥିବାରୁ ସେମାନେ ହିନ୍ଦୁମତର ଭକ୍ଷକ ହେଉଛନ୍ତି । ଦେବାଳୟ କାନ୍ଥରେ ଦୈବବାଣୀ ରହିଲେ କେତେ ଭଲକଥା, ଏଇ କଥାକୁ ହିନ୍ଦୁ ପରିଷଦର ଲୋକେ ଜାଣି ନପାରିଲେ ସେମାନେ ମତଭକ୍ଷକ ନହୋଇ ମତରକ୍ଷକ କିପରି ହେବେ ? ଅପରାଧି ମିଳିଲା ନାହିଁ ବୋଲି କେସ ପେଣ୍ଡିଙ୍ଗ୍ ରଖିଦେଉଥିବା ପୋଲିସ୍ ଆମ ଲୋକଙ୍କୁ କୋର୍ଟ ଚାଲାଣ କରିବା ଦ୍ୱାରା ଏହା ମୋ ମତ କହିବାପାଇଁ ମୋତେ ସତରେ ଲାଜଲାଗୁଛି । ଗୋଟିଏ କେସ୍‌ରେ ବିଚାର କରି ନଅଜଣଙ୍କ ସାକ୍ଷୀଙ୍କ କଥା ଗୋଟିଏ ହୋଇଥିଲେ ମଧ୍ୟ, ଆଉ ଜଣେ ସାକ୍ଷୀ ଆସି ଯଦି କିଛି ଅନ୍ୟକଥା କହିଦିଏ ତେବେ କେସକୁ ଡିସମିସ୍ କରିଦେଉଥିବା ନ୍ୟାୟବାଦୀମାନେ, ଏ ବିଷୟରେ କିଛି ବିଚାର ନକରି, ଅନ୍ୟ ପକ୍ଷ କଣ କହୁଛି ନଶୁଣି, ଏହାକୁ ଏକ ବଡଧରଣର କେସ୍ କରି ଆମ ଲୋକମାନଙ୍କୁ ଦଣ୍ଡିତ କରିବା ଘଟଣାରେ ହିନ୍ଦୁମାନେ ଅନ୍ୟମତ ଆଗରେ ମୁଣ୍ଡ ଉଠାଇ ଚାଲିବେ କି ମୁଣ୍ଡ ନୁଆଁଇବେ ! ଏସବୁକୁ ଦେଖିଲେ ହିନ୍ଦୁମତ ରକ୍ଷଣ ସଂସ୍ଥା କ୍ଷୀଣଦଶାକୁ ନଯାଇ କିପରି ଅଭିବୃଦ୍ଧି କରିବ ?

କୌଣସି ମତରେ ହେଉ ଦୈବଜ୍ଞାନ ଆଉ ଦୈବଙ୍କ ଉପରେ ଯଦି ବିଶ୍ୱାସ ନାହିଁ ସେ ମତ କ୍ଷୀଣହେବା ଥୟ, କଦାପି ଅଭିବୃଦ୍ଧି କରିପାରିବ ନାହିଁ । ଆଜି ଦୈବଜ୍ଞାନ ଉପରେ, ଈଶ୍ୱରଙ୍କ ଉପରେ ହିନ୍ଦୁମତର ବିଶ୍ୱାସ

ନାହିଁ । ସେଥିଲାଗି ହିନ୍ଦୁମତ କ୍ଷୀଣଦଶାରେ ରହି ଅନ୍ୟ ମତଗୁଡିକ ଅଭିବୃଦ୍ଧି ହେଉଛି । ହିନ୍ଦୁମତ ଅଭିବୃଦ୍ଧି କରିବାପାଇଁ ହେଲେ ଶେଷରେ ଆମ ତରଫରୁ ଗୋଟିଏ ଉପାୟକୁ କହୁଛୁ ଜାଣନ୍ତୁ । ତାହାହେଲା ! ମତ ବା ଯାହାକୁ ଗୋଟିଏ ନାଆଁ ଦେଇ ଅଜ୍ଞାନରେ ଅମୁକ ଧର୍ମ ବୋଲି ଦୈବଧର୍ମକୁ ବିଚ୍ଛିନ୍ନ କରି କୁହାଯାଉଛି ତାହାକୁ ମତ ନାମରେ ମଧ୍ୟ ନକହି ପଥ ନାମରେ କହିବା ଉଚିତ୍ । ସେହିଭଳି **ହିନ୍ଦୁ** ନାମକ ପଦକୁ **ଇନ୍ଦୁ** ଭାବେ ବଦଳାଇବା ଉଚିତ୍ । ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାକୁ ହେଲେ, କୌଣସି ମତ ହେଉ ସେମାନେ **ମତ** ନାମରେ ନକହି **ପଥ** କହିବା ଉଚିତ୍, ତେବେଯାଇ ମାୟାହୀନ ସ୍ୱଚ୍ଛ ଇନ୍ଦୁଜ୍ଞାନରେ ଜୀବନ ବିତାଇବା ଭଳି ହେବ । ଆମେ ଯାହା କହୁଛୁ ତାହା ଦୈବମାର୍ଗ, ଈଶ୍ୱରଙ୍କ ମାର୍ଗ ବା ଇନ୍ଦୁପଥ । ତେଣୁ ଏହାକୁ ଘୃଣା ନକରି ସ୍ୱାମୀଜୀମାନଙ୍କ ସମେତ ସମସ୍ତେ ଏହି ବିଷୟକୁ ବୁଝି ପାରିବେ ବୋଲି ଭାବୁଛୁ । ଆମେ କୌଣସି ମତରେ ନରହି ଗୋଟିଏ ଇନ୍ଦୁପଥରେ ଅଛୁ ବୋଲି ଭାବି ସେହି ପଥକୁ ହିଁ ଅନୁସରଣ କରିବା ଉଚିତ୍ ।

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ, ତୋର ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**

**ମତକୁ ନିର୍ବୀର୍ଯ୍ୟ କରି ପଥକୁ ବଳ ଯୋଗାଇ ଆମେ ଲେଖିଥିବା କେତେକ ବାକ୍ୟକୁ ନିମ୍ନମତେ ଦେଖାଉଛୁ ।**

୧. ମତ ବୈଷମ୍ୟତାର ମାୟାରେ ନପଡି ମହୋନ୍ନତ ଭାବକୁ ଜାଗ୍ରତ କରନ୍ତୁ, ଆତ୍ମଶିଖର ଆରୋହଣ କରିପାରିବେ ।

୨. ଈଶ୍ୱର ମଣିଷ କହୁଥିବା ମତ, ଜାତିକୁ ସୃଷ୍ଟି କରିନାହାନ୍ତି ।

୩. ମତ ଅନୁସାରେ ଅନେକ ପ୍ରକାରରେ, ଅନେକ ନାମରେ ଅଲଗା ଅଲଗା କୁହାଯାଉଥିବା ଈଶ୍ୱର ହେଉଛନ୍ତି ଜଣେ ।

୪. ମାୟା (ସୈତାନ୍) ମଣିଷକୁ ମତ ନାମରେ ଭ୍ରମିତ କରୁଛି ।

୫. ମତ ଈଶ୍ୱରଙ୍କୁ ଚିହ୍ନାଇପାରିବ ନାହିଁ, କେବଳ ଜ୍ଞାନ ଚିହ୍ନାଇଥାଏ ।

୬. ଈଶ୍ୱର କୌଣସି ଗୋଟିଏ ମତ ସମ୍ବନ୍ଧୀୟ ନୁହନ୍ତି ।

୭. ମତ ପଛରୁ ଈଶ୍ୱରଙ୍କୁ ଭାବନା କରି, ମତ ଭିତରେ ଈଶ୍ୱରଙ୍କୁ ପରିମିତ କରି କଥା କହିବା ଅଜ୍ଞାନ ହୋଇଥାଏ । ପ୍ରତ୍ୟେକ ମତର ଅଧିପତି ଜଣେ,ସେ ହିଁ ଈଶ୍ୱର ବୋଲି ଜାଣିବା ଜ୍ଞାନ ହୋଇଥାଏ ।

୮. ଜନ୍ମହେବାର କିଛିକାଳ ପରେ ଚିହ୍ନି ହେଉଥିବା ଜାତି, ମତ ମଣିଷ କଳ୍ପନା କରିଛି ସିନା, ତାହା ଜନ୍ମତଃ ଆସିନାହିଁ ।

୯. ଜାତି କୁଚିନ୍ତାରେ, ମତ ସ୍ୱାର୍ଥରେ ପରିପୂର୍ଣ୍ଣ । ଜାତି, ମତର ଅତୀତ ଭାବରେ ଈଶ୍ୱର ଅଛନ୍ତି ବୋଲି ଜାଣି ଯଦି ବଦଳିବୁ ତେବେ ଈଶ୍ୱରଙ୍କୁ ଜାଣିପାରିବୁ ।

୧୦. କୌଣସି ମତର ମଣିଷ ହେଉ ତା ନାଶା ରନ୍ଧ୍ରରେ ପ୍ରବାହିତ ହେଉଥିବା ଶ୍ୱାସରେ ଓଁ ନାମକ ଶବ୍ଦ ଉଚ୍ଚରିତ ହୋଇଥାଏ ।

୧୧. ଓଁ କୌଣସି ଏକ ମତ ସମ୍ବନ୍ଧୀୟ ନୁହେଁ ।

୧୨. ମୋର କହୁଥିବା ତୋର ମତ କ'ଣ ? ସତରେ ତାହା କ'ଣ ତୁ ଜାଣିଛୁ ? ନା ମଝିରେ ବଦଳିଛି ?

୧୩. ତୁ ତୋ ଅଜାଣତରେ ଏକ ଅପରିବର୍ତ୍ତନୀୟ ମତରେ, କେବେ ବଦ ଳୁନଥିବା ଜାତିରେ ରହିଛୁ ।

୧୪. ତୁ କେବେ ବଦଳୁନଥିବା ଜୀବ ଜାତିରେ ଅଛୁ, ସେହିଭଳି କେବେ ବଦଳୁନଥିବା ଐଶ୍ୱରୀୟମତରେ ଅଛୁ ।

୧୫. ମତ ବିଷୟରେ ଯଦି କିଛି କହିବାକୁ ଇଚ୍ଛାକରୁଛୁ ତେବେ ପ୍ରଥମେ ତୋ ମତ ବିଷୟରେ ବିଚାର କର । ପରମତର ତ୍ରୁଟି କେଉଁଠି ଅଛି ? ତୋ ମତରେ ମହନୀୟତା କେଉଁଠି ଅଛି ? ତାହା ନ୍ୟାୟ ଆଉ ନୀତି ଦୃଷ୍ଟିରେ ନିର୍ଣ୍ଣୟ କର୍ ।

୧୬. ପରମତ ବିଷୟରେ ହେଉ କି ତୋ ମତ ବିଷୟରେ ହେଉ, ସ୍ୱାର୍ଥରେ ବୁଦ୍ଧିରେ ହେଉ କି ରାଜକୀୟ ବୁଦ୍ଧିରେ ହେଉ ଅଥବା ସାମାଜିକ ରୀତିରେ ହେଉ ବିଚାର କରିବା ଉଚିତ୍ ନୁହେଁ ।

୧୭. ଯଦି ତୋର ମତ ମହାନ ଲାଗୁଛି, ପରମତ ନୀଚ ଲାଗୁଛି, ତେବେ ମତ ବିଷୟରେ ଆଲୋଚନା ନକରି ଈଶ୍ୱରଙ୍କ ବିଷୟରେ ବୋଧ କର । କାରଣ ! ଈଶ୍ୱର ସବୁ ମତରେ ମହାନ, ତୋକଥା ସେତେବେଳେ କେହି ମଧ୍ୟ ଶୁଣି ପାରିବେ ।

୧୮. ପରମତ ମହାନ ବୋଧହୋଇ ନିଜ ମତ ନୀଚ ଲାଗିଲେ, ତୁ ତୋର ମତ ନ ବଦଳାଇ, ଈଶ୍ୱର ସେ ମତରେ କାହିଁକି ଜନ୍ମ କରାଇଛନ୍ତି ବିଚାର କର୍, ତୋଠାରୁ ମତଚିନ୍ତା ଯାଇ ଈଶ୍ୱରଚିନ୍ତା ଉଦ୍ଭବ ହେବ ।

୧୯. ମତ ନାଆଁଟି ପ୍ରତ୍ୟେକ ବର୍ଗରେ ଅଛି । ତୋ ମତର ନାଆଁଟିଏ ଥିବା ଭଳି, ଅନ୍ୟର ମଧ୍ୟ ମତ ଅଛି । ମତ ଭିତରେ ତୋତେ ଈଶ୍ୱର ଜନ୍ମ କରାଇଛନ୍ତି ସିନା, ତୁ ଇଚ୍ଛାକରି ତୋ ମତରେ ଜନ୍ମହୋଇ ନାହୁଁ ।

୨୦. ତୋତେ ଏକ ମତ ଭିତରେ ଜନ୍ମକରାଇ, ଆଉ ଜଣକୁ ଆଉ ଏକ

ମତରେ ଜନ୍ମ କରାଇଛନ୍ତି ଈଶ୍ୱର । ଏଭଳି ତୋତେ ହେଉ କି ଆଉ ଜଣକୁ ହେଉ ଜନ୍ମ କରାଇଛନ୍ତି ସେହି ଜଣେ ଈଶ୍ୱର । ତୁ ଜନ୍ମହେବା ପରେ ଈଶ୍ୱରଙ୍କର ଏକ ନାଆଁ ଦେଇଛୁ । ବାସ୍ତବରେ ଈଶ୍ୱରଙ୍କର କୌଣସି ନାମ ହିଁ ନାହିଁ, ରୂପ ମଧ୍ୟ ନାହିଁ ।

୨୧. ମତାତୀତ ଭାବରେ, ନାମାତୀତ ଭାବରେ, ରୂପାତୀତ ଭାବରେ, କ୍ରିୟାତୀତ ଭାବରେ ଯିଏ ରହିଛି ସେ ହିଁ ପ୍ରକୃତ ଈଶ୍ୱର, ସେ ହିଁ ତୋତେ ଆଉ ଏଇ ସାରା ପ୍ରପଞ୍ଚକୁ ସୃଷ୍ଟି କରିଛନ୍ତି ।

୨୨. ଈଶ୍ୱର ମଣିଷକୁ ମାୟାରେ ଜନ୍ମକରାଇ ତାପରେ ମଣିଷ ତାଙ୍କ ପାଖକୁ ଯାଉଛି କି ନାଇଁ, ତାଙ୍କୁ ଚିହ୍ନୁଛି କି ନାଇଁ ଦେଖିଥାନ୍ତି, ସେହି ପ୍ରକ୍ରିୟାରେ ସର୍ବ ପ୍ରଥମେ ତୋତେ ଏକ ମତ ଭିତରେ ଜନ୍ମ କରାଇଛନ୍ତି । ବିଚାର କଲେ ଏବେ ତୁ ମାୟାରେ ହିଁ ଅଛୁ, ଈଶ୍ୱରଙ୍କ ଦିଗରେ ଚାଲ୍ ।

୨୩. ତୋର ଗୋଟିଏ ନାଆଁ, ଗୋଟିଏ ଜାତି ଆଉ ମତକୁ ଅନ୍ୟମାନେ ପ୍ରଥମେ ତୋତେ ଦେଇଛନ୍ତି । ପରମାତ୍ମାଙ୍କର ନାଆଁ ଅଛି ? କେଉଁଜାତି ଅଛି ? ନା କେଉଁ ମତ ଅଛି ? ତାଙ୍କର ଏସବୁ କିଛି ନାହିଁ । ଯାହାର ଏସବୁ କିଛି ନାହିଁ ତାଙ୍କୁ ତୁ ଜାଣିବାକୁ ହେଲେ ତୁ ତୋର ନାଆଁ,ଜାତି,ମତକୁ ପରମାତ୍ମା ବିଷୟଠାରୁ ଦୂରରେ ରଖ୍ ।

୨୪. ତୁ ମତକୁ ସମର୍ଥନ ନକରି ଈଶ୍ୱରଙ୍କୁ,ତାଙ୍କ ଜ୍ଞାନକୁ ସମର୍ଥନ କର୍ ।

୨୫. ତୋ ଇଚ୍ଛାରେ ଯୋଡିହୋଇ ରହିଥାଏ ମତ, ଈଶ୍ୱରଙ୍କ ଇଚ୍ଛାରେ ଯୋଡିହୋଇ ରହିଥାଏ ଜ୍ଞାନ ।

୨୬. ମତକୁ ମଣିଷ ସୃଷ୍ଟିକରିଛି, ଜ୍ଞାନକୁ ଈଶ୍ୱର ସୃଷ୍ଟି କରିଛନ୍ତି ।

୨୭. ମଣିଷ ସୃଷ୍ଟି କରିଥିବା ମତ ଇହଲୋକ ସମ୍ବନ୍ଧୀୟ, ଈଶ୍ୱର ସୃଷ୍ଟି କରିଥିବା ଜ୍ଞାନ ପରଲୋକ ସମ୍ବନ୍ଧୀୟ ।

୨୮. ମଣିଷ ସୃଷ୍ଟି କରିଥିବା ଇହଲୋକରେ ରହିବୁ, କି ଈଶ୍ୱର ସୃଷ୍ଟି କରିଥିବା ଜ୍ଞାନରେ ପରଲୋକ ଯିବୁ ନିର୍ଣ୍ଣୟ କର୍ ।

୨୯. ମତ ମଣିଷଦଳ ବଢାଏ, ଜ୍ଞାନ କେବଳ ଜ୍ଞାନୀଦଳ ବଢାଏ ।

୩୦. ମତକୁ କୌଣସି ମଣିଷଠାରେ ଦେଖିପାରିବା, କିନ୍ତୁ ଜ୍ଞାନକୁ ମାତ୍ର କେଇଜଣଙ୍କ ଠାରେ ଦେଖିପାରିବା ।

୩୧. ପ୍ରତ୍ୟେକ ମଣିଷ ମତ ସମ୍ବନ୍ଧୀୟ, କିନ୍ତୁ ପ୍ରତ୍ୟେକ ମଣିଷ ଜ୍ଞାନ ସମ୍ବନ୍ଧୀୟ ହୋଇନଥାଏ ।

୩୨. ମତବୋଧ କରୁଥିବା ଗୁରୁମାନେ ଅନେକ ଥାଆନ୍ତି, କିନ୍ତୁ ଜ୍ଞାନବୋଧ କରୁଥିବା ଗୁରୁ କେବଳ ଜଣେ ଥାଆନ୍ତି ।

୩୩. ମତ ମଣିଷର ଜନ୍ମରୁ ଥାଏ, ଏହା ମୋ ମତ ବୋଲି ସମସ୍ତଙ୍କୁ ଜଣାଥାଏ, କିନ୍ତୁ ଦୈବଜ୍ଞାନ ଜନ୍ମରୁ ନଥାଏ, ସେଥିଲାଗି ତୁ ଯଦି ମଝିରେ ଜ୍ଞାନ ଜାଣୁ, ତେବେ ତାହା ସମସ୍ତଙ୍କୁ ପସନ୍ଦ ହୁଏ ନାହିଁ ।

୩୪. ମତ ମାର୍ଗ ନୁହେଁ ବୋଲି ତୁ ତୋ ନିଜ ଅନୁଭବରେ ଜାଣିପାରିବୁ ।

୩୫. ପଥ କହିଲେ ମାର୍ଗ ବୋଲି ପଦର ଅର୍ଥରୁ ଜାଣିହେଉଛି ।

୩୬. ଏକ ମତର ଅଜ୍ଞାନୀ ମଧ୍ୟ ଏହା ମୋ ମତ ବୋଲି କହିପାରିଥାଏ । ସେଥିଲାଗି ମତରେ ସମସ୍ତେ ଯେ ଜ୍ଞାନୀ,ଏହା କହିପାରିବା ନାହିଁ ।

୩୭. ଅଜ୍ଞାନୀମାନେ ଥିବା ମତ ଦରକାର କି ଜ୍ଞାନୀମାନେ ଥିବା ପଥ ଦରକାର ତୁ ହିଁ ବିଚାର କର୍ ।

୩୮. କୌଣସି ମତରେ ଅଜ୍ଞାନ ଥିଲେ ଖଣ୍ଡନ କର୍, କୌଣସି ମତରେ ଜ୍ଞାନ ଥିଲେ ତାକୁ ସ୍ୱୀକାର କର୍ ।

୩୯. ତୁ ମୋର ମତ ହିନ୍ଦୁମତ ବୋଲି ଭାବିଲେ ଇତର ମତର ଜ୍ଞାନୀକୁ ମଧ୍ୟ ନିନ୍ଦାକରିବୁ । ମୋର କୌଣସି ମତ ନାହିଁ, ମୁଁ ଇନ୍ଦୁପଥରେ

ଅଛି ବୋଲି ଭାବିଲେ, ଇତର ମତର ଅଜ୍ଞାନକୁ ନିନ୍ଦାକରି ଜ୍ଞାନକୁ ସ୍ୱୀକାର କରିପାରିବୁ ।

୪୦. ହିନ୍ଦୁମତ ନାମରେ ରାଜନୀତି କରୁଥିବା ଲୋକଙ୍କ ଠାରୁ ଦୂରରେ, ଇନ୍ଦୁପଥ ନାମରେ ରାଜଯୋଗ କରୁଥିବା ଜ୍ଞାନୀମାନଙ୍କ ପାଖରେ ରହ ।

୪୧. ମଣିଷକୁ ନିନ୍ଦା କରନାହିଁ, ମତକୁ ନିନ୍ଦା କର, ତଦ୍ୱାରା ଯେଉଁ ପାପ ହେବ ତାହା କ୍ଷମାହୋଇଯିବ ।

୪୨. ଈଶ୍ୱରଙ୍କୁ, ତାଙ୍କ ପଥକୁ ନିନ୍ଦାକଲେ ତଦ୍ୱାରା ଯେଉଁ ପାପ ହେବ ତାହା ଯୁଗ ଯୁଗ ପର୍ଯ୍ୟନ୍ତ କ୍ଷମା ହୋଇପାରିବ ନାହିଁ ।

୪୩. ତୁ ଜଜ୍ ହୋଇଥିଲେ ତୋତେ ନ୍ୟାୟ ଜଣାଅଛି, ତେଣୁ ଭୌତିକ ବିଷୟ ଉପରେ ତୁ ଦଣ୍ଡ ଦେଇପାରୁ, କିନ୍ତୁ ଐଶ୍ୱରୀୟ ବିଷୟରେ କାହାକୁ ଦଣ୍ଡ ଦେଇପାରିବୁ ନାହିଁ । କାରଣ ! ଈଶ୍ୱରଙ୍କ ନ୍ୟାୟ ତୋତେ ଜଣା ନାହିଁ ।

୪୪. ତୁ ଜଜ୍ ହୋଇଥିଲେ ଭୌତିକ ବିଷୟରେ ଏହା ଭୁଲ୍ ବୋଲି ଜାଣି ପାରୁ, କିନ୍ତୁ ଐଶ୍ୱରୀୟ ବିଷୟରେ ଏହା ଅମୁକ ଅପରାଧ ବୋଲି ତୋତେ ଜଣା ନାହିଁ ।

୪୫. ତୁ ନ୍ୟାୟାଧିଶ ହୋଇଥିଲେ କେବଳ ନ୍ୟାୟ ଅନ୍ୟାୟକୁ ଚିହ୍ନିପାରୁ, କିନ୍ତୁ ଧର୍ମ ଅଧର୍ମ ତୋତେ ଜଣା ନାହିଁ ।

୪୬. ତୁ ଜଜ୍ ହୋଇଥିଲେ କେବଳ ନ୍ୟାୟାଧିକାରୀ ହେବୁ ସିନା, ଧର୍ମାଧିକାରୀ ହୋଇପାରିବୁ ନାହିଁ ।

୪୭. ତୁ ଜଜ୍ ହୋଇଥିଲେ କେବଳ ଇହଲୋକ ସମ୍ବନ୍ଧୀୟ ନ୍ୟାୟକୁ ଚିହ୍ନି ପାରୁ, କିନ୍ତୁ ପରଲୋକ ସମ୍ବନ୍ଧୀୟ ଧର୍ମକୁ ଚିହ୍ନିପାରିବୁ ନାହିଁ ।

୪୮. ନ୍ୟାୟଶାସ୍ତ୍ର ପଢ଼ି ତୁ ଜଜ୍ ହୋଇପାରୁ, ହେଲେ ଯୋଗଶାସ୍ତ୍ର ନପଢ଼ି କେହି ଯୋଗୀ ହୋଇପାରିବ ନାହିଁ ।

୪୯. ନ୍ୟାୟାଧିପତି ହୋଇଥିବା ଜଜ୍ କେବଳ  ମଣିଷକୁ ଦଣ୍ଡ ଦେଇ ପାରେ, ହେଲେ ଧର୍ମାଧିପତି ଈଶ୍ୱର ନ୍ୟାୟାଧିପତି ମାନଙ୍କୁ ମଧ୍ୟ ଦଣ୍ଡ ଦେଇ ପାରନ୍ତି ।

୫୦. ସ୍ୱଚ୍ଛ ଶ୍ୱେତରଙ୍ଗ ହେଉଛି ଜ୍ଞାନ, ଘନକଳା ଅଜ୍ଞାନ । ଧଳାପୋଷାକ ଉପରେ ସମ୍ପୂର୍ଣ୍ଣ କଳା କୋର୍ଟ ପିନ୍ଧିଥିବା ନ୍ୟାୟନିର୍ଣ୍ଣେତା ଜଜ୍, ମୁଁ ଜ୍ଞାନପାଇଁ ଜଜ୍ ନୁହେଁ, କେବଳ ଅଜ୍ଞାନୀ କହିବା ଭଳି ହୋଇଥାଏ ।

୫୧. ଧଳା ପୋଷାକ ଉପରେ କଳା ରଙ୍ଗର ଛୋଟ କଳା କୋର୍ଟ ପିନ୍ଧିଥିବା ନ୍ୟାୟବାଦୀମାନେ (ଲୟାରମାନେ) ହୁଅନ୍ତୁ, ବଡ କଳାକୋର୍ଟ ପିନ୍ଧିଥିବା ନ୍ୟାୟନିର୍ଣ୍ଣେତା ଜଜ୍ ହେଉ, ନ୍ୟାୟରେ ଜ୍ଞାନକୁ, ଅଜ୍ଞାନ ଘୋଡାଇରଖିଛି ବୋଲି ଅନ୍ୟମାନେ ଜାଣିପାରିବା ଭଳି ବୋଧହୁଏ ଏଭଳି ପିନ୍ଧିଥାନ୍ତି ।

୫୨. ମାୟାର ଦୁଇଟି ବଳଶାଳୀ ଜାଲ ଥାଏ । ସେ ଜାଲରେ ମାଛମାନେ ପଡନ୍ତି ନାହିଁ, ମଣିଷମାନେ ପଡିଥାନ୍ତି, ସେ ଦୁଇ ଜାଲର ନାମ ଗୋଟିଏ ମତ, ଆଉ ଗୋଟିଏ ଜାତି । ସେଥିଲାଗି ଜାତି, ମତ ଭିତରେ ରହିଥିବା ଲୋକମାନେ ମାୟା ଜାଲରେ ପଡିଥାନ୍ତି, ହେଲେ   ଜାତି, ମତର ଅତୀତ ହୋଇ ରହିଥିବା ମଣିଷମାନେ ଈଶ୍ୱରଙ୍କ ବଳୟ ଭିତରେ ରହିଥାନ୍ତି ।

୫୩. ଯିଏ କୌଣସି ମତରେ ନାହିଁ ସେ ଈଶ୍ୱରଙ୍କ ପଥରେ ଥାଏ ! ଯାହାର ଜାତି ନାହିଁ ସେ ଜ୍ଞାନପଥରେ ଥାଏ ।

# ରଚୟିତାଙ୍କ ଶେଷକଥା

ମତ ନାଆଁ ହିଁ ଠିକ୍ ନୁହେଁ । ମତ ମାୟାଯୁକ୍ତ, ତେଣୁ ସେଥିରେ ସ୍ୱମତ ପ୍ରେମ, ପରମତ ଦ୍ୱେଷ ଥାଏ । ମତଦ୍ୱେଷ କାରଣରୁ ସରଳ ପ୍ରଜାମାନେ ପ୍ରାଣ ହରାଉଛନ୍ତି । ମତ ଏଭଳି ମାରାତ୍ମକ, ଯଦି ତାକୁ ରାଜକୀୟ ରଙ୍ଗଦେବା ତାହା ଆହୁରି ପ୍ରମାଦକର ହୋଇଯିବା ଦୁର୍ଯୋଗ ଅଛି । ହିନ୍ଦୁଦେଶ ଭାରତରେ ମତ ବା କୌଣସି ସମ୍ପ୍ରଦାୟର ନାଆଁ ଦେଇ ଆମେ କହୁଥିବା ଧର୍ମକୁ ଅଭ୍ୟାସରେ ପଡି କହୁଛେ । ଏହି ଅଭ୍ୟାସ ନଛାଡିଲେ ଦୈବଜ୍ଞାନ କଦାପି ବୁଝିପାରିବା ନାହିଁ । ଜ୍ଞାନର ରୂପଗନ୍ଧ ଜଣାନଥିବା ଲୋକେ ଜ୍ଞାନପ୍ରଚାର କରୁଥିବା ଆମକୁ ହଇରାଣ କଲେ, ନିଜ ନାମଖ୍ୟାତି ବଢିଯିବ ବୋଲି ଭାବୁଛନ୍ତି, ହେଲେ ଆମେ କାହାକୁ ହଇରାଣ କରୁଛୁ ବୋଲି ଭାବୁ ନାହାନ୍ତି । ହିନ୍ଦୁମତରେ କେହି କରିନଥିବା ପ୍ରଚାର ଆମେ କରୁଥାଇ ପ୍ରାୟ ଶହେଗ୍ରନ୍ଥ ରଚନା କରିଛୁ । ଅଜ୍ଞାନରେ ଥିବା ଖ୍ରୀଷ୍ଟିଆନ ମାନଙ୍କୁ ମଧ୍ୟ ସେମାନଙ୍କ ମତରେ ହସ୍ତକ୍ଷେପ କରିବା ଭଳି ଅଜ୍ଞାନ ଚିହ୍ନାଇ ଜ୍ଞାନ ଜଣାଇଛୁ । **"ଇନ୍ଦୁ ଜ୍ଞାନ ବେଦୀକା"** ନାମକ ସଂସ୍ଥା ସ୍ଥାପନ କରି, ତଦ୍ୱାରା ଐଶ୍ୱରୀୟଜ୍ଞାନ ପ୍ରଚାର କରୁଛୁ, ଏକ ଉନ୍ନତ ମାର୍ଗରେ ରହି ସମସ୍ତଙ୍କ ମଙ୍ଗଳ ଆଶା କରୁଥିବା ବେଳେ, ତାର ଅବରୋଧ ହେବା ଠିକ୍ ନୁହେଁ । ଯଦି ଆମେ କିଛି ଭୁଲ୍ କରୁଛୁ, କୌଣସି ମତ ବିରୁଦ୍ଧରେ କହୁଛୁ ତେବେ ଆମକୁ ପଚାରିପାରନ୍ତି । କୌଣସି ପ୍ରଶ୍ନର ଉତ୍ତର ଦେବାକୁ ଆମେ ପ୍ରସ୍ତୁତ । ତା ନକରି ଆମ ବିରୁଦ୍ଧରେ ଧର୍ମଘଟ କରିବା, ହମ୍ପିରେ କେସ୍ ଦେବା ଭଳି କାର୍ଯ୍ୟ କରିବା, ମହାନନ୍ଦିରେ କଳା ଭଳି ଆମକୁ ନିନ୍ଦା କରି ଖବରକାଗଜରେ ଲେଖିବା ଇତ୍ୟାଦି କାର୍ଯ୍ୟକଲେ ଆମର କିଛି କ୍ଷତି ହେବନାହିଁ, ଆପଣମାନେ ହିଁ ଈଶ୍ୱରଙ୍କୁ ଭକ୍ତି ପ୍ରଦର୍ଶନ କରୁଥିବା ଗ୍ରହ, ଭୂତମାନଙ୍କ ଶିକାର ହୋଇପାରନ୍ତି ! ତଦ୍ୱାରା ନଷ୍ଟକଷ୍ଟର ସମ୍ମୁଖୀନ ହୋଇପାରନ୍ତି । ତେଣୁ ଆମକୁ ଯଦି ବିମର୍ଶ କରିବାକୁ ଚାହାନ୍ତି ଜ୍ଞାନ ଦିଗରୁ କିମ୍ବା ନ୍ୟାୟ ଦୃଷ୍ଟିରୁ କରନ୍ତୁ । ତା ନକରି ଅଜ୍ଞାନ କଥାବାର୍ତ୍ତା, ଅନ୍ୟାୟ, ଅବିଚାର କଲେ ଈଶ୍ୱର ସହିବେନି ବୋଲି ଜଣାଉଛୁ ।

# ହିନ୍ଦୁ ରକ୍ଷଣ ! ହିନ୍ଦୁ ଭକ୍ଷଣ !!

## ଯିଏ ଭଗବଦ୍ଗୀତା ପଢି ନାହିଁ ସେ ହିନ୍ଦୁ ରକ୍ଷକ ?

## ଯେଉଁମାନେ ହିନ୍ଦୁ ଧର୍ମକୁ ଜାଣିନାହାନ୍ତି ସେମାନେ ହିନ୍ଦୁ ରକ୍ଷକ ?

ହିନ୍ଦୁମାନେ ଆଜି ନାନା ଜାତିରେ ବିଭାଜିତ ହୋଇ ଛୋଟ, ବଡ ଜାତିରେ ବା କୁଳରେ ବର୍ଣ୍ଣିତ ହୋଇଛନ୍ତି, ଏହା ଆଜି ସମସ୍ତେ ଜାଣିଥିବା ସତ୍ୟକଥା । ଈଶ୍ୱର ସମସ୍ତଙ୍କୁ ସମାନ ଭାବରେ ଜନ୍ମ କରାଇଥିବା ବେଳେ କିଛିଲୋକ ସେମାନଙ୍କର ସ୍ୱାର୍ଥବୁଦ୍ଧିରେ ହିନ୍ଦୁ (ଇନ୍ଦୁ) ସମାଜକୁ ଖଣ୍ଡ ଖଣ୍ଡକରି, ବଳହୀନ କରି ସେଇମାନେ ହିଁ ବଡ, ସେମାନେ ଯାହା କହୁଛନ୍ତି ତାହା ସମସ୍ତେ ଶୁଣି, ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି କହୁଛନ୍ତି । ନାନା କୁଳ (ଜାତି) ଭାବରେ ଥିବା ହିନ୍ଦୁ ସମାଜରେ ସେମାନଙ୍କ କୁଳ ହିଁ ଉଚ୍ଚକୁଳ ବା ଅଗ୍ରକୁଳ (ବଡଜାତି) ବୋଲି କହିବା ବ୍ୟତୀତ, ଅନ୍ୟ କୁଳଗୁଡିକର ସେଇମାନେ ହିଁ ମାର୍ଗଦର୍ଶକ, ଗୁରୁ ବୋଲି କହୁଛନ୍ତି । ଭବିଷ୍ୟତରେ ଯେମିତି କେହି ସେମାନଙ୍କର ଅବରୋଧ ନହେବେ ସେଥିଲାଗି ଅନ୍ୟ କୁଳଗୁଡିକୁ ଅଚ୍ଛୁତ ଜାତି କରିଦେଇ, ହିନ୍ଦୁଧର୍ମ ପାଇଁ ଘୋର ଅନ୍ୟାୟ କରିଛନ୍ତି । ସେତିକିରେ ରହିନଯାଇ ଆଜି ମଧ୍ୟ ଆମେ ହିନ୍ଦୁ ସମାଜର ରକ୍ଷକ ହୋଇ ରହିଛୁ ବୋଲି କହୁଥାଇ, ହିନ୍ଦୁ ସମାଜର ସର୍ବନାଶ କରି, ହିନ୍ଦୁ ସମାଜର ଲୋକମାନେ ଅନ୍ୟ ମତରେ ପ୍ରବେଶ କରିବାର ପ୍ରଥମ କାରକ ହେଉଛନ୍ତି । ସେଇଭଳି ଥିବା ଲୋକମାନେ ହିନ୍ଦୁସମାଜର କ୍ଷତିକାରକ ହୋଇ ରହିଥିଲେ ମଧ୍ୟ ଅନ୍ୟ ଜାତିର ଲୋକମାନେ ସେମାନଙ୍କ ପ୍ରକୃତ ସ୍ୱରୂପକୁ ନ ଜାଣି ସେମାନେ କହିବା ଅନୁସାରେ ଶୁଣୁଥିବାରୁ, ହିନ୍ଦୁ ସମାଜ ସମ୍ପୂର୍ଣ୍ଣ ଅଜ୍ଞାନ ଦିଗରେ, ଅଧର୍ମ ବାଟରେ ଚାଲୁଛି । ପ୍ରଜାମାନେ ଦୈବଜ୍ଞାନ ଜାଣିବାରୁ ବଞ୍ଚିତ ରହିଯାଇ ସେମାନେ କହୁଥିବା କଥାକୁ ହିଁ ବାସ୍ତବ ଦୈବଜ୍ଞାନ ଭାବୁଛନ୍ତି ।

ଏହିଭଳି ସ୍ଥିତିରେ ଆଜି ତ୍ରୈତ ସିଦ୍ଧାନ୍ତର କର୍ତ୍ତା ଭାବରେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ମହାଶୟ ଅଜ୍ଞାନ ଦିଗରେ ରହିଯାଇଥିବା ହିନ୍ଦୁ ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ, **ଭଗବଦ୍ଗୀତାର**

**ପୁରୁଷୋତ୍ତମପ୍ରାପ୍ତି ଯୋଗ ନାମକ ଅଧ୍ୟାୟରେ ବୋଧ କରାଯାଇଥିବା କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କ ବିଷୟକୁ 'ତ୍ରୈତ ସିଦ୍ଧାନ୍ତ' ନାଆଁରେ ପ୍ରତିପାଦନ କରି ଦୈବଜ୍ଞାନକୁ ସମସ୍ତେ ବୁଝିପାରିବା ଭଳି ଗ୍ରନ୍ଥରୂପରେ ଲେଖୁଛନ୍ତି, ବୋଧ ମଧ୍ୟ କରୁଛନ୍ତି, ତଦ୍ଦ୍ୱାରା ଆଜିଅନେକଲୋକ ଆମକୁ ବାସ୍ତବ ଜ୍ଞାନ ମିଳିଯାଇଛି ବୋଲି ଖୁସି ହେଉଛନ୍ତି ।** ଅଗ୍ରକୁଳ କୁହାଯାଉଥିବା କୁଳର ଲୋକମାନେ ମଧ୍ୟ ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ ଦୂରକରି, ଆଜିଯାଏଁ ଆମକୁ ଜଣାପଡି ନଥିବା ଜ୍ଞାନ ଯୋଗୀଶ୍ୱରଙ୍କ ଦ୍ୱାରା ଜାଣିପାରିଛୁ କହି ଶିଷ୍ୟ ଭାବରେ ରହିଛନ୍ତି । ହେଲେ ଅଗ୍ରକୁଳର ମାତ୍ର କିଛିଲୋକ ଯୋଗୀଶ୍ୱର ଜଣାଉଥିବା ଜ୍ଞାନ ବିଷୟକୁ ଦେଖି, ଏହି ଜ୍ଞାନ ଦ୍ୱାରା ପ୍ରଜାମାନେ ଜ୍ଞାନଚୈତନ୍ୟ ପାଇ, ଜ୍ଞାନ ଜାଣି ନଥିବା ସେମାନଙ୍କୁ ସମ୍ମାନ ଦେବେ ନାହିଁ ବୋଲି ଭାବୁଛନ୍ତି ଆଉ ଏଭଳି ହେବା ଦ୍ୱାରା ସମାଜ ଉପରେ ସେମାନଙ୍କର ଆଧିପତ୍ୟ ରହିବ ନାହିଁ ବୋଲି ଯୋଗୀଶ୍ୱର ଜଣାଉଥିବା ତ୍ରୈତ ସିଦ୍ଧାନ୍ତ ହିନ୍ଦୁ ମାନଙ୍କର ନୁହେଁ, ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ମଧ୍ୟ କଦାପି ହିନ୍ଦୁମାନଙ୍କର ନୁହେଁ, ତାହା ଖ୍ରୀଷ୍ଟିଆନ ମାନଙ୍କର, ତାହା କେହି ପଢିବା ଉଚିତ୍ ନୁହେଁ ବୋଲି ପ୍ରଚାର କରିବା ଆରମ୍ଭ କଲେଣି । ତାଛଡା ସେମାନେ ନିଜକୁ ହିନ୍ଦୁଧର୍ମର ରକ୍ଷକ କହି କିଛି ରାଜକୀୟ ରଙ୍ଗ ବୋଳିହୋଇ, ଆମ ଜ୍ଞାନ ପ୍ରଚାର ହେବାରେ ଅନେକ ସ୍ଥାନରେ ଅବରୋଧ ହେଉଛନ୍ତି । ସେମାନଙ୍କ କଥା ଶୁଣୁଥିବା ଇତର କୁଳର ଲୋକମାନଙ୍କୁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ହିନ୍ଦୁଜ୍ଞାନ ନୁହେଁ, ତାହା ଖ୍ରୀଷ୍ଟଧର୍ମର ଜ୍ଞାନ, ସେମାନେ ହିନ୍ଦୁମାନଙ୍କ ବେଶରେ ପ୍ରଚାର କରୁଛନ୍ତି ବୋଲି କହୁଛନ୍ତି । ତାଛଡା ସେହି ନିମ୍ନକୁଳର ଲୋକମାନଙ୍କୁ ପ୍ରେରଣା ଦେଇ ଆମ ଜ୍ଞାନ ପ୍ରଚାରରେ ଅବରୋଧ ହେଉଛନ୍ତି ।

ଯୋଗୀଶ୍ୱର ସ୍ଥାପନ କରିଥିବା ହିନ୍ଦୁ **(ଇନ୍ଦୁ) ଜ୍ଞାନ ବେଦିକା** ଏଭଳି ଲୋକମାନଙ୍କର ନାଟକୁ ଅନେକ ଦିନଧରି ଧୈର୍ଯ୍ୟର ସହିତ ସହି

ଆସିଛି । ଆମଠାରେ ଧୈର୍ଯ୍ୟର ସୀମା ଡେଇଁଯିବା ପରେ, ଆମକୁ ପରମତ ପ୍ରଚାରକ ବର୍ଣ୍ଣନା କରି କହୁଥିବା ଅଗ୍ରକୁଳ (ବଡଜାତି)ର ଲୋକମାନଙ୍କୁ, ସେମାନଙ୍କ ଅନୁଚରମାନଙ୍କୁ ସମ୍ମୁଖୀନ କରି ପ୍ରଶ୍ନ କରିବାକୁ ପଡିଛି । ଆମେ ପଚାରିଥିବା କୌଣସି ଗୋଟିଏ ପ୍ରଶ୍ନର ମଧ୍ୟ ସଠିକ ସମାଧାନ ସେମାନେ କହିପାରି ନାହାନ୍ତି । ସେମାନଙ୍କ ଉତ୍ତର କେଉଁଭଳି ଥିଲା ତାହା ନିମ୍ନମତେ ଦେଉଛୁ ଆପଣମାନେ ଟିକିଏ ଦେଖନ୍ତୁ ।

**ଆମପ୍ରଶ୍ନ – ଏପର୍ଯ୍ୟନ୍ତ ହିନ୍ଦୁମାନେ କରୁନଥିବା କାର୍ଯ୍ୟ କରିବା ପୂର୍ବକ ଆମେ ଗାଆଁ ଗାଆଁ, ଘର ଘର ବୁଲି ହିନ୍ଦୁ ଧର୍ମର ପ୍ରଚାର କରୁଛୁ, ଆପଣ ଆମକୁ ପରମତ ପ୍ରଚାରକ ବୋଲି କାହିଁକି କହୁଛନ୍ତି ?**

**ସେମାନଙ୍କ ସମାଧାନ –** ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ଅନେକ ସ୍ୱାମୀଜୀ ଅଛନ୍ତି । ସେମାନେ କେହି ଘର ଘର ବୁଲି ପ୍ରଚାର କରନ୍ତି ନାହିଁ, ହିନ୍ଦୁମାନେ ଏମିତି କେବେ ବି ପ୍ରଚାର କରନ୍ତି ନାହିଁ, ସେଥିଲାଗି କହୁଛୁ ଆପଣ ହିନ୍ଦୁବେଶରେ ଘର ଘର ବୁଲି ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ।

**ଆମପ୍ରଶ୍ନ –ଆମେ ଖ୍ରୀଷ୍ଟିଆନ ! ଭଗବଦ୍ଗୀତା କାହିଁକି ପ୍ରଚାରକରୁଛୁ ?**

**ସେମାନଙ୍କ ସମାଧାନ** – ଆପଣମାନେ ତ୍ରୈତ ସିଦ୍ଧାନ୍ତ ନାମକ ଭଗବଦ୍ଗୀତା ପ୍ରଚାର କରୁଛନ୍ତି, ତାହା ଖ୍ରୀଷ୍ଟିଆନ ମାନଙ୍କର । ଆପଣମାନେ ବାଇବେଲ୍‌ର ଏଭଳି ନାଆଁ ଦେଇଛନ୍ତି ।

**ଆମ ପ୍ରଶ୍ନ – ଖ୍ରୀଷ୍ଟିଆନମାନେ ନିଜକୁ ଖ୍ରୀଷ୍ଟିଆନ କହନ୍ତି, ସେମିତି ବାଇବେଲକୁ ବାଇବେଲ କହନ୍ତି । ସେମାନଙ୍କ ପ୍ରଚାର ଖ୍ରୀଷ୍ଟଧର୍ମ ଏବଂ ବାଇବେଲ ହୋଇଥିବା ବେଳେ ସେହି ନାଆଁରେ ପ୍ରଚାର କରିବେ ସିନା, ହିନ୍ଦୁ ବେଶରେ ଭଗବଦ୍ଗୀତା ନାଆଁରେ କାହିଁକି ପ୍ରଚାର କରିବେ ? ଏମିତି ଆଯିଯାଏଁ କେଉଁଠି ହୋଇନାହିଁ । ଯେଉଁ ଧର୍ମର ଲୋକେ ସେଇ ଧର୍ମର ପ୍ରଚାର କରିବେ ସିନା, ଅନ୍ୟ ଧର୍ମର ପ୍ରଚାର କାହିଁକି କରିବେ ? ଏତେକଥା କାହିଁକି ଆପଣ ଆମ ଭଗବଦ୍ଗୀତା**

**ଖୋଲି ଦେଖିଛନ୍ତି ? ସେଥିରେ ଭଗବଦ୍ଗୀତା ଶ୍ଳୋକ ଅଛି କି ବାଇବେଲ୍ ବାକ୍ୟ ଅଛି ?**

**ସେମାନଙ୍କ ସମାଧାନ** – ବାଇବେଲ ବାକ୍ୟ ନ ଥିଲେ କଣହେଲା ତ୍ରୈତ ସିଦ୍ଧାନ୍ତ ବୋଲି ତ ଅଛି ! ତ୍ରୈତ କହିଲେ ତ୍ରିତ୍ୱ ବା ଟ୍ରିନିଟି ବୋଲି ଆମକୁ ଭଲରେ ଜଣାଅଛି ।

**ଆମ ପ୍ରଶ୍ନ - ହିନ୍ଦୁ ଧର୍ମରେ ଥିବା ଅଦ୍ୱୈତ ସିଦ୍ଧାନ୍ତକୁ ଆଦି-ଶଙ୍କରାଚାର୍ଯ୍ୟ ପ୍ରତିପାଦନ କରିଥିଲେ । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚାର୍ଯ୍ୟ ପ୍ରତିପାଦନ କରିଥିଲେ, ଦ୍ୱୈତ ସିଦ୍ଧାନ୍ତକୁ ମଧ୍ୱାଚାର୍ଯ୍ୟ ପ୍ରକଟିତ କରିଥିଲେ । ଏବେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛନ୍ତି । ସିଦ୍ଧାନ୍ତକର୍ତ୍ତାମାନେ ଏବଂ ସେମାନଙ୍କ ସିଦ୍ଧାନ୍ତଗୁଡିକ ଅଲଗା ଅଲଗା ହେଲେ ମଧ୍ୟ ସେମାନେ ସମସ୍ତେ ହିନ୍ଦୁ ବୋଲି ଆପଣ କାହିଁକି ଭାବୁନାହାନ୍ତି ?**

**ସେମାନଙ୍କ ସମାଧାନ** – ଆପଣଙ୍କ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ଯଜ୍ଞ କରିବା ଉଚିତ ନୁହେଁ ବୋଲି ଲେଖିଛନ୍ତି ! ବାସ୍ତବ ଭଗବଦ୍ଗୀତାରେ କଣ ତାହା ଅଛି !

**ଆମ ପ୍ରଶ୍ନ – ଆପଣ ହିନ୍ଦୁମାନଙ୍କ ଭିତରେ ମୁଖ୍ୟଲୋକ ଭାବରେ ରହି ଏମିତି ମୂର୍ଖଙ୍କ ଭଳି କିପରି କଥା କହୁଛନ୍ତି ? ସାରା ଦୁନିଆଁରେ ଭଗବଦ୍ଗୀତା ଗୋଟିଏ ! ତମ ଭଗବଦ୍ଗୀତା, ଆମ ଭଗବଦ୍ଗୀତା ହୋଇ ଭଗବଦ୍ଗୀତା ନାହିଁ । ଭଗବଦ୍ଗୀତାର ଭାଷ୍ୟ ଲେଖିବା ବେଳେ ଯିଏ ଯାହାର ଭାବର ଅନୁଗୁଣ ବିବରଣ ଲେଖିଥାଇ ପାରନ୍ତି, ହେଲେ ଭଗବଦ୍ଗୀତା ସମସ୍ତଙ୍କର ମୂଳଗ୍ରନ୍ଥ ବୋଲି ଗ୍ରହଣ କରନ୍ତୁ । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଅନ୍ୟମାନେ ଲେଖିଥିବା ଭଗବଦ୍ଗୀତାର ଭାବଠାରୁ ଉନ୍ନତ ଭାବର ସହିତ ଲେଖାଯାଇଛି ବୋଲି ଜ୍ଞାନୀମାନେ ତାର ଗୁଣଗାନ କରିବା ସହିତ ଆପଣଙ୍କ କୁଳର ଅନେକ ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଆପଣଙ୍କ ଭଳି ମାତ୍ର କିଛିଲୋକ ଏହାର ବିରୁଦ୍ଧ ହୋଇ**

**ରହିଛନ୍ତି ବୋଲି ଲାଗୁଛି । ଯଜ୍ଞ କରନାହିଁ ବୋଲି ଆମେ କେଉଁଠି କହିନାହୁଁ । ଯଜ୍ଞ ଦ୍ୱାରା ପୁଣ୍ୟ ହୁଏ, ସ୍ୱର୍ଗ ମିଳିଥାଏ କହିଛୁ । ଯଜ୍ଞ ଦ୍ୱାରା ମୋକ୍ଷ ମିଳେ ନାହିଁ, ଈଶ୍ୱର ଜଣାପଡନ୍ତି ନାହିଁ କହିଛୁ । ଏତେକଥା କାହିଁକି ଆପଣ ନିଜକୁ ସ୍ୱଚ୍ଛ ହିନ୍ଦୁ କହୁଛନ୍ତି ପରା ! ଭଗବଦ୍ଗୀତାରେ କୁହାଯାଇଥିବା ଗୋଟିଏ ହିନ୍ଦୁଧର୍ମକୁ କହନ୍ତୁ ।**

**ସେମାନଙ୍କ ସମାଧାନ–** ଏତେକଥା ଆମର ଦରକାର ନାହିଁ... ଆପଣ ହିନ୍ଦୁ ନୁହନ୍ତି ।

**ଆମ ପ୍ରଶ୍ନ – ମୂର୍ଖଙ୍କ ଭଳି କଥା କୁହନ୍ତୁ ନାହିଁ । ଆପଣ ଅଗ୍ରକୁଳର ବୋଲି ମନଇଚ୍ଛା ଯାହା ପାଇବେ ତାହା କହନ୍ତୁ ନାହିଁ । ଆମେ ହିନ୍ଦୁ ନୋହୁଁ ବୋଲି ଆପଣ ଗୋଟିଏ ପ୍ରମାଣ ଦେଇପାରିବେ ? ଆମ କଥା ଛାଡନ୍ତୁ ! ଆପଣ ଯଦି ସ୍ୱଚ୍ଛ ହିନ୍ଦୁ ତେବେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଳୋକରେ ଭଗବାନ କଣ କହିଛନ୍ତି ଆପଣ ହିଁ କହନ୍ତୁ ।**

**ସେମାନଙ୍କ ସମାଧାନ** – ଆମେ ଏପର୍ଯ୍ୟନ୍ତ ଭଗବଦ୍ଗୀତା କେବେ ପଢିନାହୁଁ, ଯଦି ଆପଣଙ୍କର ଏ ସମାଧାନ ଦରକାର ତେବେ ସମ୍ପୂର୍ଣ୍ଣାନନ୍ଦସ୍ୱାମୀଙ୍କ ଦ୍ୱାରା କୁହାଇଦେଇ ପାରିବୁ ।

**ଆମପ୍ରଶ୍ନ – ଅତି କମରେ ଭଗବଦ୍ଗୀତା ପଢିନଥିବା ଆପଣମାନେ ଯୋଗୀଶ୍ୱର ହୋଇଥିବା ପ୍ରବୋଧାନନ୍ଦ ସ୍ୱାମୀଙ୍କୁ ନିନ୍ଦା କରିବା କଣ ଭଲ ? ଗୋଟିଏ ହିନ୍ଦୁଧର୍ମକୁ ମଧ୍ୟ ଜାଣି ନଥିବା ଆପଣମାନେ ଆମେ ହିନ୍ଦୁଧର୍ମର ରକ୍ଷକ ବୋଲି କିପରି କହୁଛନ୍ତି ? ଯୋଗୀଶ୍ୱର ଲେଖିଥିବା କୌଣସି ଗୋଟିଏ ଗ୍ରନ୍ଥ ମଧ୍ୟ ନପଢି ଆମଛଡା ପୂଜ୍ୟହୋଇ, ଗୁରୁହୋଇ ଆଉ କେହି ନରହନ୍ତୁ ବୋଲି ଘୃଣାର ସହିତ ଏମିତି କଥାବାର୍ତ୍ତା କଲେ ଈଶ୍ୱର ସହିବେ ନାହିଁ ।**

**ସେମାନଙ୍କ ସମାଧାନ** – ଆମ ହିନ୍ଦୁଧର୍ମରେ ଅନେକ ଦେବତା ଅଛନ୍ତି । ଶିବ ଜଣେ ଦେବତା, ତାଙ୍କ ପୁଅ ଗଣେଶ ଜଣେ ଦେବତା, ରାମ ଜଣେ

ଦେବତା ତାଙ୍କ ଭକ୍ତ ହନୁମାନ ମଧ୍ୟ ଜଣେ ଦେବତା ଏମିତି ଅନେକ ଦେବତା ଥିବା ବେଳେ, ହିନ୍ଦୁ ମତରେ କେବଳ ଜଣେ ଦୈବ ବା ଈଶ୍ୱର ଅଛନ୍ତି ବୋଲି ଆପଣଙ୍କର କହିବା କଣ ଭୁଲ ନୁହେଁ ?

**ଆମ କଥା - ଆମେ ଧର୍ମ (ମତ) ବାବଦରେ କହୁନାହୁଁ । ହିନ୍ଦୁମତରେ ନାନା ଦେବତା ଅଛନ୍ତି ସତକଥା, ହେଲେ ହିନ୍ଦୁ ଜ୍ଞାନରେ, ହିନ୍ଦୁଧର୍ମ ଅନୁସାରେ ସାରା ବିଶ୍ୱର ଦୈବ ବା ଈଶ୍ୱର ଜଣେ ଅଛନ୍ତି ବୋଲି କହୁଛୁ । ଭଗବଦ୍ଗୀତାରେ ଈଶ୍ୱର ଯାହା କହିଛନ୍ତି ସେଇକଥା କହୁଛୁ ସିନା ଦେବତାମାନେ ନାହାନ୍ତି ବୋଲି ତ କହୁନାହୁଁ ! ଦେବତା ମାନଙ୍କର ଜଣେ ଅଧିପତି ଅଛି ସେ ହିଁ ଦେବାଧିଦୈବ, ଈଶ୍ୱର ବା ପରମାତ୍ମା ତାଙ୍କରି ଉପାସନା କରନ୍ତୁ ବୋଲି କହିଛୁ ।**

**ସେମାନଙ୍କ କଥା -** ଆପଣ ରାମଙ୍କ ନାଆଁ କହୁ ନାହାନ୍ତି, ଶିବଙ୍କ ନାଆଁ କହୁ ନାହାନ୍ତି ଗଣେଶଙ୍କ କଥା ମଧ୍ୟ କହୁ ନାହାନ୍ତି, କୌଣସି ହିନ୍ଦୁ ଦେବତାଙ୍କ ନାଆଁ ନକହି ଈଶ୍ୱର, ସୃଷ୍ଟିକର୍ତ୍ତା ବୋଲି ଅନେକ ଥର କହିଛନ୍ତି । ଈଶ୍ୱର, ସୃଷ୍ଟିକର୍ତ୍ତା ଭଳି ଶବ୍ଦଗୁଡିକ ଖ୍ରୀଷ୍ଟିଆନମାନେ ବ୍ୟବହାର କରନ୍ତି ସିନା, ହିନ୍ଦୁମାନେ ବ୍ୟବହାର କରନ୍ତି ନାହିଁ, ସେଥିଲାଗି ଆପଣମାନଙ୍କୁ ଏମାନେ ହିନ୍ଦୁ ନୁହନ୍ତି ଖ୍ରୀଷ୍ଟିଆନ ବୋଲି କହୁଛୁ ।

**ଆମପ୍ରଶ୍ନ - ଖ୍ରୀଷ୍ଟଧର୍ମ ଜନ୍ମ ହୋଇ ଦୁଇହଜାର ବର୍ଷ ବିତିଲାଣି । ସୃଷ୍ଟି କେବେଠାରୁ ହୋଇଛି ସେ ବାବଦରେ କେହି ମଧ୍ୟ କହିପାରିବେ ନାହିଁ । ସୃଷ୍ଟି ଆରମ୍ଭରୁ ଈଶ୍ୱର, ସୃଷ୍ଟିକର୍ତ୍ତା ଇତ୍ୟାଦି ଶବ୍ଦକୁ ହିନ୍ଦୁମାନେ ହିଁ ବ୍ୟବହାର କରି ଆସୁଛନ୍ତି । ଆଜି ଈଶ୍ୱର, ସୃଷ୍ଟିକର୍ତ୍ତା ନାମକ ଶବ୍ଦ କଣ ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଛନ୍ତି ? କି ପୁରା ବିକି ଦେଇଛନ୍ତି ? ସୃଷ୍ଟିକର୍ତ୍ତା, ଈଶ୍ୱର ନାମକ ଶବ୍ଦ ହିନ୍ଦୁମାନେ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି କେଉଁଠି ଲେଖାହୋଇଛି ?**

**ସେମାନଙ୍କ ସମାଧାନ -** ଆପଣ ହିନ୍ଦୁଧର୍ମ ନୁହେଁ ଖ୍ରୀଷ୍ଟଧର୍ମ ପ୍ରଚ୍ଚର କରୁଛନ୍ତି ବୋଲି କହିବାପାଇଁ ନିଜେ ନିଜକୁ ହିନ୍ଦୁ କହୁଛନ୍ତି । ନିଜକୁ ହିନ୍ଦୁ

ମଧ୍ୟ ନ କହି ଇନ୍ଦୁ କହୁଛନ୍ତି । ହିନ୍ଦୁଧର୍ମକୁ ଇନ୍ଦୁଧର୍ମ କହିବା ଦ୍ୱାରା ଆପଣ ହିନ୍ଦୁଧର୍ମକୁ ଖଣ୍ଡ ଖଣ୍ଡ କରିଦେବା ଭଳି ହେଉଛି । ସ୍ୱତନ୍ତ୍ର ଇନ୍ଦୁଧର୍ମ ପ୍ରଚାର ହେବାଭଳି ହେଉଛି । ଆପଣ ଯଦି ହିନ୍ଦୁ ତେବେ ଆପଣଙ୍କ ଗ୍ରନ୍ଥଗୁଡିକରେ, ଆପଣଙ୍କ ପ୍ରବଚନରେ ସ୍ୱତନ୍ତ୍ର ଭାବେ ଇନ୍ଦୁ ବୋଲି କାହିଁକି କହୁଛନ୍ତି ?

**ଆମ କଥା –** ଆମେ ଗୋଟିଏ ସିଧା ପ୍ରଶ୍ନ ପଚାରୁଛୁ ତାର ସମାଧାନ କରନ୍ତୁ ତ ! ହିନ୍ଦୁ ଆଉ ଇନ୍ଦୁ ନାମକ ଶବ୍ଦରେ ମାତ୍ର ଟିକିଏ ଭିନ୍ନତା ଛଡା ଆଉ କଣ ଅଛି ଆପଣ କହନ୍ତୁ । ତେଲୁଗୁ ଭାଷାରେ ଲେଖିଥିବା ଲୋକମାନେ ହିରଣ୍ୟ କଶ୍ୟପକୁ 'ନରଶିଂହ ସ୍ୱାମୀ' ମାରିଥିଲେ ବୋଲି ଲେଖିଛନ୍ତି । ଆଜି ଏଇ ନାଆଁ ଥିବା ଲୋକମାନେ ମଧ୍ୟ 'ନରଶିଂହ' ଲେଖୁଛନ୍ତି । ହେଲେ ତାହା ଏଭଳି ଲେଖାଯିବା ଅନୁଚିତ୍ 'ନରସିଂହ' ଲେଖାଯିବା ଉଚିତ୍ ବୋଲି ଆମେ କହୁଛୁ । ଜଙ୍ଗଲର ରାଜା 'ସିଂହ' କୁହାଯାଏ ସିନା 'ଶିଂହ' କୁହାଯାଏ ନାହିଁ । 'ସିଂହ'ର ଅର୍ଥ ଅଛି, ହେଲେ 'ଶିଂହ'ର କିଛି ମଧ୍ୟ ଅର୍ଥ ନାହିଁ । ଏମିତି ଯାହା ଠିକ୍ ତାହା ଲେଖାଯିବା ଉଚିତ୍ । ସେହିଭଳି **'ଇନ୍ଦୁ'**ର ଅର୍ଥ ଅଛି ସିନା **'ହିନ୍ଦୁ'**ର ଅର୍ଥ ନାହିଁ ବୋଲି କହିଛୁ । ସୃଷ୍ଟ୍ୟାଦିରେ ଜନ୍ମ ହୋଇଥିଲା ଇନ୍ଦୁସମାଜ, ତାହା ମଝିରେ ବଦଳି 'ସଂକ୍ରାନ୍ତିକୁ' 'ସଙ୍କରାନ୍ତି' କହିବା ଭଳି ଇନ୍ଦୁ ଶବ୍ଦ ହିନ୍ଦୁ ହୋଇଯାଇଛି ବୋଲି କହିଛୁ । ଇନ୍ଦୁ ଶବ୍ଦର ଅର୍ଥ କଅଣ, କାହିଁକି ହିନ୍ଦୁ ନକହି ଇନ୍ଦୁ କହିବା ଉଚିତ୍ ତାହା ମଧ୍ୟ ଆମ ଗ୍ରନ୍ଥଗୁଡିକରେ ବିବରଣାତ୍ମକ ଲେଖିଛୁ । ଥିବା ସତକଥାକୁ କହିଲେ ତାହା ଘୃଣା କାହିଁକି ଲାଗୁଛି । ଆମଠାରୁ ଆଉ କେହି ବଡ ନରହନ୍ତୁ ଭାବର ସହିତ କଥା କହୁଛନ୍ତି ଆପଣ ।

ଅଗ୍ରକୁଳର ଅନେକଲୋକ ଆମ ଜ୍ଞାନକୁ ଜାଣି ସନ୍ତୋଷତା ବ୍ୟକ୍ତ କରୁଛନ୍ତି, କିନ୍ତୁ ମାତ୍ର କେଇଜଣ ସଠିକ ଭାବରେ ବୁଝି ନପାରି ମାରିଦବୁ, ପୋଡିଦବୁ ଏସବୁ ପ୍ରଚାର କରନାହିଁ ବୋଲି କହୁଛନ୍ତି । ଏହା ଠିକ୍ କଥା ନୁହେଁ । ଆମର କୌଣସି ଗ୍ରନ୍ଥ ମଧ୍ୟ ନପଢି, ଆମକଥା ନଶୁଣି ଏସବୁ ଡ୍ରାମା, ନାଟକ କହିବା ଠିକ୍ ନୁହେଁ । ଆପଣଙ୍କ ଭିତରୁ କେହି ଜଣେ ଆସି

ଆମେ କାହାକୁ ଅମୁକ ଧର୍ମରେ ରହ ବୋଲି କହୁଛୁ କି ଆମେ ଅନ୍ୟମତ ପ୍ରଚାର କରୁଛୁ ବୋଲି ପ୍ରମାଣିତ କରନ୍ତୁ । **ଏମିତି ଯିଏ ପ୍ରମାଣ କରି ଦେଖାଇଦେବ ତାକୁ ଇନ୍ଦୁ ଜ୍ଞାନବେଦୀକା ତରଫରୁ ୧୦ଲକ୍ଷ ଟଙ୍କା ଦେବୁ, ଯଦି ପ୍ରମାଣିତ କରି ନ ପାରିବେ ତେବେ, ଆପଣ କୌଣସି ଗାଆଁରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ମାତ୍ର ଲକ୍ଷେ ଟଙ୍କା ଦେବାକୁ ହେବ ।** ଏହି ସର୍ତ୍ତରେ କେହି ଆଗକୁ ଆସିପାରିବେ ? ବୋଲି ପଚାରୁଛୁ ।

ଇତି

**ଇନ୍ଦୁ ଜ୍ଞାନ ବେଦିକା**

## ଇତିହାସରେ ଘଟିଥିବା ଅନ୍ୟାୟ
## ହିନ୍ଦୁମାନଙ୍କ ଭିତରେ ଘଟୁଥିବା ଯଥାର୍ଥ ।

ଚାରିଶହ ବର୍ଷ ତଳେ ଆଧ୍ୟାତ୍ମିକ ରଙ୍ଗରେ ଜାଜୁଲ୍ୟମାନ ହୀରକ ହେଉଛନ୍ତି **ଯୋଗୀ ବେମନ** । ଆଧ୍ୟାତ୍ମିକ କ୍ଷୀରରୁ ଦୈବଜ୍ଞାନ ନାମକ ନବନୀତକୁ କାଢି ଆମକୁ ଦେଇଛନ୍ତି ସେ । ବେମନ ତାଙ୍କ ପଦ୍ୟାବଳୀରେ କହିଥିବା ଗୋଟିଏ ଗୋଟିଏ ଜ୍ଞାନ ବିଷୟକୁ ବିପୁଳ ଭାବରେ ଲେଖିଲେ ତାହା ଗୋଟିଏ ଗୋଟିଏ ଗ୍ରନ୍ଥ ହୋଇପାରେ । ବେମନ ସ୍ୱଚ୍ଛ ତେଲୁଗୁ ଭାଷାରେ ପଦ୍ୟ ଲେଖି, ତାହାର ବ୍ୟାଖ୍ୟା କହିଛନ୍ତି, ସେ ସଂସ୍କୃତର ପାଖ ମାଡିନାହାନ୍ତି । ଗୋଟିଏ ଦିଗରେ ପଦ୍ୟ ଲେଖି କବି ଦେଖାଗଲେ ହେଁ ଅନ୍ୟ ଦିଗରେ ଜଣେ ମହାନ ଆଧ୍ୟାତ୍ମିକବେତ୍ତା ହେଉଛନ୍ତି ଯୋଗୀ ବେମନ, ସେ ରେଡ୍ଡି କୁଳରେ ଜନ୍ମ ହୋଇଥିଲେ । ଇତିହାସରେ ଆମଠାରୁ ଆଉ କେହି ଅଧିକ ପ୍ରଶଂସିତ ନ ହୁଅନ୍ତୁ ବୋଲି ଭାବୁଥିବା ଅଗ୍ରକୁଳର କିଛି ଲୋକମାନେ ଯୋଗୀ ବେମନଙ୍କୁ ଜଣେ ପାଗଳ କହି, ସେ ଯାହା କହୁଛନ୍ତି ତାହା ଅଜ୍ଞାନ ବୋଲି ପ୍ରଜାଗହଣରେ ପ୍ରଚାର କରିଥିଲେ । ପାଗଳ ଲୋକଙ୍କ କଥା ପାଗଳମାନେ ହିଁ ଶୁଣନ୍ତି ବୋଲି ଅତି ଅବହେଳିତ ଚକ୍ଷୁରେ ଦେଖିଥିଲେ । ଅନେକ କୁଳରେ ବିଭାଜନ ହୋଇ ରହିଥିବା

ହିନ୍ଦୁମାନଙ୍କୁ ଜ୍ଞାନବିଷୟ ଜଣା ନଥିବାରୁ, ଅଗ୍ରକୁଳର ଲୋକେ ବେମନଙ୍କୁ ପାଗଳ କହିଦେଇଥିବାରୁ, ବେମନଙ୍କ ଜ୍ଞାନ ବାହ୍ୟ ଦୁନିଆରେ ପ୍ରକାଶିତ ହୋଇପାରି ନଥିଲା, ସେମାନେ ଅଗ୍ରକୁଳର, ଅନ୍ୟମାନେ ନୀଚ କୁଳର ବୋଲି ବିଭାଜନ କରି, ଆମେ ଯାହା କହୁଛୁ ତାହା ଶୁଣିବା ଉଚିତ୍, ଆମ କଥା ଶୁଣିଲେ ହିଁ ତୁମମାନଙ୍କର ମଙ୍ଗଳ ହେବ, ସୁଖରେ ଜୀବନ ଯାପନ କରିପାରିବ ବୋଲି ଅଗ୍ରକୁଳର ଲୋକମାନେ ପ୍ରଚାର କରିଥିଲେ, ଏଭଳି ସେମାନେ ନିଜକୁ ନିଜେ ମହାନ ବୋଲାଇବା ଛଡା ହିନ୍ଦୁଘରେ ହେଉଥିବା ଭଲମନ୍ଦ କାର୍ଯ୍ୟରେ, ଜନ୍ମ, ମରଣ, ବିବାହାଦି ପ୍ରତ୍ୟେକ କାର୍ଯ୍ୟରେ ସେମାନେ ଯାହା କହିବେ ତାହା ଶୁଣିବା ଉଚିତ୍, ସେମାନେ ନିର୍ଣ୍ଣୟ କରିଥିବା କାଳରେ ହିଁ ଆମେ ଆମ ଭଲକାର୍ଯ୍ୟ କିମ୍ବା ମନ୍ଦକାର୍ଯ୍ୟ କରିବା ଉଚିତ୍, ନଚେତ ଅମଙ୍ଗଳ ହେବ, କଷ୍ଟନଷ୍ଟ ଦେଖାଦେବ ବୋଲି ଭୟ ଦେଖାଇଥିବାରୁ, ଭୟରେ ଜ୍ଞାନ ଜାଣି ନଥିବା ଅନ୍ୟ କୁଳର ଲୋକମାନେ ସେମାନେ ଯାହା କହୁଥିଲେ ତାହା ବିଶ୍ୱାସ କରୁଥିଲେ । ଏହିଭଳି ହିନ୍ଦୁଧର୍ମରେ ଥିବା ଅଗ୍ରକୁଳର ଲୋକମାନେ ଭୟ ନାମକ ବ୍ଲାକ୍‌ମେଲ୍ କରି, ଛୋଟକୁଳର ଲୋକମାନଙ୍କୁ ସେମାନଙ୍କ କଥା ଶୁଣିବା ଭଳି କରି ଦେଇଥିଲେ, ସେଦିନଠାରୁ ସେମାନେ ହିନ୍ଦୁ ସମାଜକୁ ଠକିବା ଆରମ୍ଭ କରି, ହିନ୍ଦୁ ଜ୍ଞାନ କାହାକୁ ଜାଣିବାକୁ ନଦେଇ, ହିନ୍ଦୁ ସମାଜକୁ ନାନା ନାମରେ ଲୁଟିନେଇ ନିଜେ ବଞ୍ଚିବା ଛଡା, ଅନ୍ୟ କୁଳରେ କେହି ଜ୍ଞାନୀ ଜନ୍ମହେଲେ ତାକୁ ଅବହେଳିତ ଚକ୍ଷୁରେ ଦେଖିବା, ଅଜ୍ଞାନୀ ଭାବରେ ବର୍ଣ୍ଣନା କରିବା କାର୍ଯ୍ୟ କରୁଥିଲେ ।

ଇତିହାସରେ ଚାରିଶହ ବର୍ଷ ତଳେ ଆସିଥିବା ଯୋଗୀ ବେମନଙ୍କୁ ପାଗଳ ଭାବେ ବର୍ଣ୍ଣନା କରି, ତାଙ୍କୁ କୌଣସି ଶାସ୍ତ୍ର ଜଣା ନଥିବା ବ୍ୟକ୍ତି ବୋଲି କହିଥିଲେ । ତାପରେ ତିନିଶହ ପଚାଶ ବର୍ଷ ତଳେ ଆସିଥିବା **ପୋତୁଲୁରି ବୀରବ୍ରହ୍ମ** ମହାଶୟ ଜଣେ ମହାନ ଜ୍ଞାନୀ ହୋଇ, ଭବିଷ୍ୟତ କାଳରେ ଘଟିବାକୁ ଥିବା ଘଟଣାକୁ ଆଗୁଆ ଜଣାଇ ମହାନ

କାଳଜ୍ଞାନ ଲେଖିଥିଲେ, ସେ ସେତେବେଳେ ଯାହା ଲେଖିଥିଲେ ତାହା ଆଜି ସତ୍ୟ ସତ୍ୟ ଘଟୁଛି । ଏତେ ବଡ ବୀରବ୍ରହ୍ମ ନୀଚ୍ଚକୁଳର (ବଢେଇ ଜାତିର) ହୋଇଥିବାରୁ, ଅଗ୍ରକୁଳର ଲୋକମାନେ ସେ ବଞ୍ଚିଥିବା ବେଳେ, ସେମାନଙ୍କ ଗାଆଁରେ ପ୍ରବେଶ କରିବାକୁ ନଦେଇ, ତାଙ୍କ ଜ୍ଞାନ ପ୍ରଚାର ହେବାରେ ଅବରୋଧ ହୋଇଥିଲେ । ସେଦିନ କେହି ଜ୍ଞାନୀ ନହୁଅନ୍ତୁ ବୋଲି ଘୃଣା ବା ଅସୂୟା ନାମକ ଗୁଣରେ, ଆମଛଡା କେହି ସର୍ବଜ୍ଞ ନାହିଁ ବୋଲି ଏଭଳି କାର୍ଯ୍ୟମାନ କରିଥିଲେ । ହିନ୍ଦୁ ସମାଜରେ ଏଇଭଳି ଲୋକମାନେ ଥିବାଲାଗି ହିନ୍ଦୁମାନେ ନିଜଧର୍ମ ଛାଡି ଅନ୍ୟ ଧର୍ମକୁ ପଳାୟନ କରୁଛନ୍ତି । ଆମେ ହିନ୍ଦୁଧର୍ମର ମନ୍ଦିରରେ ପ୍ରବେଶକଲେ ମାରା ହୋଇଯିବ, ଆମକୁ ଛୁଇଁଲେ ଲୋକେ ଛୁଆଁ ହୋଇଯିବେ, ଆମକୁ ହାତଟେକା ପାଣି, ପ୍ରସାଦ ଦେବେ, ଆମେ ଜ୍ଞାନ ଜାଣିବାକୁ ଯୋଗ୍ୟ ନୋହୁଁ, ସେମାନେ ରାସ୍ତାରେ ଗଲାପରେ ଆମେ ଯିବୁ, ସେମାନଙ୍କ ଆଗରେ ମଥାନୋଇଁ ଚାଲିବୁ କାହିଁକି ବୋଲି ଭାବୁଥିବା ନୀଚ୍ଚକୁଳର ଲୋକମାନେ ଜ୍ଞାନ ଜାଣିବାକୁ, କୌଣସି ଜାତିଆଣ ଭାବ ନଥିବା ସମାଜରେ ସ୍ୱାଧିନ ଜୀବନ ବଞ୍ଚିବାକୁ ହିନ୍ଦୁଧର୍ମ ଛାଡି ଅନ୍ୟ ଧର୍ମକୁ ଚାଲିଯାଉଛନ୍ତି । ଏଭଳି ହିନ୍ଦୁଧର୍ମର ଲୋକମାନେ ଅନ୍ୟଧର୍ମକୁ ପଳାୟନ କରିବାର ସର୍ବ ପ୍ରଥମ କାରଣ ଏଇ ଅଗ୍ରକୁଳର ଲୋକମାନେ ବୋଲି ନିଃସନ୍ଦେହ ଭାବରେ ଆଜି କହିପାରିବା ।

ସେମାନଙ୍କ ଲାଗି ହିନ୍ଦୁମାନେ ଅନ୍ୟଧର୍ମକୁ ଚାଲିଯାଉଛନ୍ତି ବୋଲି ଅଗ୍ରକୁଳର ଲୋକମାନଙ୍କୁ ମଧ୍ୟ ଜଣାଅଛି, ହେଲେ ସେମାନଙ୍କ କର୍ତ୍ତୃତ୍ୱକୁ, ତ୍ରୁଟିକୁ କେହି ଜାଣି ନପାରନ୍ତୁ ଆଳରେ ଆମେ ହିନ୍ଦୁଧର୍ମକୁ ରକ୍ଷା କରୁଛୁ କହି ହିନ୍ଦୁମାନଙ୍କୁ ଭକ୍ଷଣ କରିବା କାର୍ଯ୍ୟ ଆଜି ମଧ୍ୟ କରୁଛନ୍ତି । ସେଇମାନେ ହିଁ ହିନ୍ଦୁଧର୍ମର ଭକ୍ଷକ, ନାଶକ ବୋଲି କହିବା ପାଇଁ ଅନେକ ଆଧାର ରହିଛି । ସେଗୁଡିକୁ ପରିଶୀଳନ କଲେ, ହିନ୍ଦୁଧର୍ମର ନୀଚ୍ଚକୁଳର ଲୋକମାନେ ଯଦି ସେଦିନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଭଗବଦ୍ଗୀତା ଜ୍ଞାନ କହୁଥିବା ଚିତ୍ରପଟ ଘରେ ରଖିଥାନ୍ତି, ତାହା ଘରେ ରଖିବା ଉଚିତ୍ ନୁହେଁ, ତାହା ଘରେ ରହିଲେ

ଘରେ ମଧ୍ୟ ଯୁଦ୍ଧ ଲାଗିଯିବ, ନାନା ଦୁଃଖକଷ୍ଟ ଆସି ପାଣ୍ଡବମାନେ ବଣରେ ବୁଲିବା ଭଳି ହେବ ବୋଲି ଆଜି ମଧ୍ୟ ସେମାନଙ୍କୁ ଅଗ୍ରକୁଳର ଲୋକମାନେ ବୋଧ କରୁଛନ୍ତି । ଏଭଳି ଚିତ୍ରପଟ (ଫଟୋ) ଘରେ ନରଖି ମନ୍ଦିରରେ ରଖିବା ଉଚିତ୍, ନଚେତ ନଦୀରେ ଭଷାଇଦେବା ଉଚିତ୍ ବୋଲି କହୁଛନ୍ତି, କରାଉଛନ୍ତି । ଭଗବଦ୍ଗୀତା ଘରେ ରଖିବା ଉଚିତ୍ ନୁହେଁ, ତାହା ପଢିବା ଉଚିତ୍ ନୁହେଁ, ପଢିଲେ ଦୁଃଖ ଯନ୍ତ୍ରଣା ଭୋଗିବାକୁ ହେବ କହି ଭଗବଦ୍ଗୀତା କାହାର ଘରେ ନ ରହିବା ଭଳି କରୁଛନ୍ତି । ଭଗବଦ୍ଗୀତା ଯୁଦ୍ଧଭୂମିରେ ଅର୍ଜୁନଙ୍କୁ ଯୁଦ୍ଧ କରିବାପାଇଁ ପ୍ରୋତ୍ସାହନ ଦେବା ନିମନ୍ତେ କୁହାଯାଇଥିଲା, ତେଣୁ ଆମେ ଅଯଥା ପଢିବା ଉଚିତ୍ ନୁହେଁ, ପଢିଲେ ଆମେ ମଧ୍ୟ ନାନା କଳିଗୋଳରେ ପଡିବା, କୋର୍ଟ କଚେରୀକୁ ଯିବା ବୋଲି କହୁଛନ୍ତି । ହିନ୍ଦୁମାନଙ୍କର ମୁଖ୍ୟ ଜିନିଷ ବେଦ, ତାହା ସବୁକୁଳର ଲୋକମାନେ ପଢିବା ଅନୁଚିତ୍, ବେଦ କେବଳ ଅଗ୍ରକୁଳର ଲୋକେ ପଢିବା ଉଚିତ୍ ବୋଲି ମଧ୍ୟ କହୁଛନ୍ତି । ଏହିଭଳି ଭଗବଦ୍ଗୀତାର ବ୍ୟତିରେକ କଥା କହୁଥିବା ଅଗ୍ରକୁଳର ଲୋକମାନେ ହିନ୍ଦୁ ଧର୍ମର ନାଶକ ନୁହନ୍ତି ତ ଆଉ କଣ ଆପଣମାନେ ଆଲୋଚନା କରନ୍ତୁ ।

ଏସବୁ ଅତୀତରେ ଘଟିଥିବା ବିଷୟ, ସେମାନେ ସେତିକିରେ ସନ୍ତୁଷ୍ଟ ନହୋଇ ଆମେ ବଡ ବୋଲି କେମିତି ଗର୍ବ କରନ୍ତି ଟିକିଏ ଦେଖନ୍ତୁ । ବେମନ, ବୀରବ୍ରହ୍ମଙ୍କ ଭଳି ଲୋକମାନଙ୍କୁ ଅଗ୍ରକୁଳର ଲୋକମାନେ ଯେତେ ଅବହେଳିତ ଦୃଷ୍ଟିରେ ଦେଖିଲେ ମଧ୍ୟ ବେମନ ରେଡ୍ଡିଙ୍କ କୁଳର ଲୋକମାନେ ବେମାରେଡ୍ଡି (ପ୍ରଚାରକ) ନାମରେ ଘୋଡା ଉପରେ ବସି, ଗାଆଁ ଗାଆଁକୁ ଆସି ପ୍ରଚାର କରିବା ଦ୍ୱାରା, ସେହିଭଳି ବୀରବ୍ରହ୍ମଙ୍କ କୁଳର (ବଢେଇ କୁଳର) ଲୋକମାନେ କାଳଜ୍ଞାନ ପ୍ରଚାର କରିବା ଦ୍ୱାରା, ବେମନ ସଂଘ, ବଢେଇ ସଂଘ ତିଆରି ହୋଇ, ବେମନ ଏବଂ ବୀରବ୍ରହ୍ମଙ୍କୁ ପ୍ରଚାର କରିବା ଦ୍ୱାରା ଅନେକ ପ୍ରଜାଙ୍କୁ ବେମନଙ୍କ ପଦ୍ୟ, ବ୍ରହ୍ମଙ୍କର କାଳଜ୍ଞାନ କିଛି ପରିମାଣରେ ବୁଝାପଡିଥିଲା । ବେମନ ସେହି ସମୟରେ ଅଗ୍ରକୁଳର

ଲୋକମାନେ କରୁଥିବା ଦୋଷଦୂର୍ବଳତାକୁ ପଦାରେ ପକାଇ ଦେଇଥିଲେ, ବୀରବ୍ରହ୍ମଙ୍କ ଜୀବନରେ ଅଗ୍ରକୁଳର ଲୋକମାନେ କିପରି ଅବରୋଧ ହେଉଥିଲେ ତାହା ମଧ୍ୟ ଲେଖିଥିଲେ ।

ବୀରବ୍ରହ୍ମ ତାଙ୍କ କାଳଜ୍ଞାନରେ **"ପ୍ରବୋଧାଶ୍ରମ ଏକ ଉନ୍ନତ ଜ୍ଞାନ ବିଶିଷ୍ଟ ଆଶ୍ରମ"** ବୋଲି ତିନିଶହ ପଚିଶ ବର୍ଷ ତଳେ ଲେଖିଥିଲେ, ତାଙ୍କ କାଳଜ୍ଞାନରେ ପ୍ରବୋଧାଶ୍ରମ ବୋଲି ନାଆଁ ରହିବା ଏଇ ପାଞ୍ଚବର୍ଷ ତଳେ ଆମେ ଜାଣି ପାରିଥିଲୁ । ତାପରେ ବୀରବ୍ରହ୍ମ ମହାଶୟ ଲେଖିଥିବା କାଳଜ୍ଞାନରେ ପ୍ରବୋଧାଶ୍ରମ ଏବଂ ପ୍ରବୋଧାନନ୍ଦ ଯୋଗୀଶ୍ୱରଙ୍କ ବାବଦରେ ଅନେକ କିଛି ଲେଖିଥିଲେ ବୋଲି ଜାଣିପାରିଲୁ । ଏତେ ମହାନ ଜ୍ଞାନୀ, କାଳଜ୍ଞାନୀ ହୋଇଥିବା ବୀରବ୍ରହ୍ମ ପ୍ରବୋଧାଶ୍ରର ଅଧିପତି ପ୍ରବୋଧାନନ୍ଦ ଯୋଗୀଶ୍ୱରଙ୍କ ମହାନତା କହିବାକୁ ଯାଇ, **"ପ୍ରବୋଧାଶ୍ରମର ଅଧିପତିଙ୍କ ଠାରେ ଶୟନାଧିପତିଙ୍କ ଗୁଣସବୁ ରହିଛି । ଶୟନାଧିପତି ହିଁ ଆନନ୍ଦଗୁରୁ, ସେହି ଆନନ୍ଦ ଗୁରୁ ହିଁ ମୋଗୁରୁ, ତୋ' ଗୁରୁ"** ବୋଲି ଲେଖିଥିଲେ । ପ୍ରବୋଧାନନ୍ଦ ଯୋଗୀଶ୍ୱରଙ୍କ ଜ୍ଞାନ କଅଣ ଆଉ କେତେ ଶକ୍ତିବନ୍ତ ତାହା ଜ୍ଞାନାଭିଳାଷୀମାନଙ୍କୁ ମଧ୍ୟ ଆଜି ଜଣାପଡିଯାଇଛି । ଅନେକ ଜ୍ଞାନୀମାନେ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ଅତି ମହାନ, ଅଦ୍ଭୁତ ବୋଲି ପ୍ରଶଂସା କରୁଛନ୍ତି । ବୀରବ୍ରହ୍ମ ସ୍ୱୟଂ ମୋର ଗୁରୁ ବୋଲି କହିଥିବା ବ୍ୟକ୍ତି କେତେ ମହାନ ହୋଇପାରନ୍ତି ବୋଲି ଆମେମାନେ ମଧ୍ୟ ଆଲୋଚନା କରିବା ଦରକାର । ହେଲେ ପ୍ରବୋଧାନନ୍ଦ ଯୋଗୀଶ୍ୱର କେବଳ ଜ୍ଞାନ ବିଷୟକୁ ବାଦ ଦେଲେ ବାକି ଅନ୍ୟ ସମସ୍ତ ବିଷୟରେ ଜଣେ ସାଧାରଣ ମଣିଷ ଭଳି ରହିଥାନ୍ତି, ତାଙ୍କୁ ପାଖରେ ଦେଖିଲେ କଣ ଏଲୋକ ଜ୍ଞାନ ଜାଣିଛି ! ବୋଲି ଭାବନା ଆସିଲେ ମଧ୍ୟ, ବାସ୍ତବରେ କେହି ଜାଣିନଥିବା ମହାନ ପୁରୁଷ ହେଉଛନ୍ତି ସେ, ତାଙ୍କ ମହାନତା ତାଙ୍କ ଗ୍ରନ୍ଥଗୁଡିକରେ ଥିବା ଜ୍ଞାନ ହିଁ ପ୍ରମାଣିତ କରିଦେଖାଉଛି । ଗ୍ରନ୍ଥଗୁଡିକରେ ଯେଉଁ ମହାନ ଶକ୍ତି ରହିଛି ତାହା ଆଜି ନିରୂପିତ ହେଉଛି । ଗୋଟିଏ ଗ୍ରନ୍ଥ ପାଖକୁ ଆସିଲେ

କେତେକଙ୍କ ଠାରେ ପରିବର୍ତ୍ତନ ଦେଖାଯାଉଛି । କେତେକ ଗ୍ରନ୍ଥ ପଢିବା ପରେ ସେମାନଙ୍କ ପୁରୁଣା ରୋଗ ଦୂର ହୋଇଯାଉଛି ।

ଉପରକୁ ଦେଖାଯାଉ ନଥିବା ଶକ୍ତି ଯୋଗୀଶ୍ୱରଙ୍କ ଠାରେ ନିକ୍ଷିପ୍ତ ହୋଇ ରହିଛି, ତାହା ବାହାରକୁ ଦେଖା ନଗଲେ ମଧ୍ୟ, ତାଙ୍କ ପାଖକୁ ଯାଇଥିବା, ତାଙ୍କ ସାନ୍ନିଧ୍ୟ ଲାଭ କରିଥିବା ଲୋକମାନଙ୍କ ଦେହରୁ ଅନେକ ଦିନରୁ ଥିବା, ଔଷଧ ନଥିବା ଏଡ୍ସ, କ୍ୟାନ୍ସର୍, ଡେଙ୍ଗୁଜ୍ୱର ଭଳି ବଡବଡ ରୋଗମାନେ ଶାନ୍ତ ହୋଇ ଚାଲିଯାଇଛନ୍ତି । ଏଭଳି ଅନେକ ଘଟଣାରୁ ଯୋଗୀଶ୍ୱରଙ୍କ ଠାରେ କି ମହାନତା ରହିଛି ସହଜରେ ବୁଝିପାରନ୍ତି ।

ବୀରବ୍ରହ୍ମ ମହାଶୟ ତାଙ୍କ ଗ୍ରନ୍ଥରେ **"ଆନନ୍ଦ ଯୋଗୀଙ୍କୁ ନିନ୍ଦା କରୁଥିବା ଲୋକେ ନିଶ୍ଚୟ ନାନା ଦୁଃଖକଷ୍ଟ" ଭୋଗିବେ** ବୋଲି ଲେଖିଛନ୍ତି । ସେହିଭଳି ଆନନ୍ଦଗୁରୁ, ଆନନ୍ଦଯୋଗୀ ହୋଇଥିବା ଆନନ୍ଦ ଗୁରୁଙ୍କୁ, ତାଙ୍କ ମୁଖନିଶୃତ ବାଣୀକୁ, ତାଙ୍କ ଗ୍ରନ୍ଥକୁ ନିନ୍ଦା କରୁଥିବା କୌଣସି ଲୋକ ମଧ୍ୟ ଆଜି ସୁରକ୍ଷିତ ନାହିଁ । ଅଜଣା ରୋଗରେ, ବୁଝି ହେଉନଥିବା କଷ୍ଟରେ କିଛିଲୋକ ପଡିଥିବା ବେଳେ, କେତେକ ଚିତ୍ରହିଂସାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଛନ୍ତି । ଏଭଳି କାହିଁକି ହେଉଛି ଯେଉଁମାନେ ଜାଣି ପାରନ୍ତି ନାହିଁ ସେମାନେ ଯେଗୀଶ୍ୱରଙ୍କୁ, ତାଙ୍କ ଜ୍ଞାନକୁ ନିନ୍ଦା କରୁଛନ୍ତି, ନାନା ମାର୍ଗରେ ଅବରୋଧ ହେଉଛନ୍ତି । ହିନ୍ଦୁଧର୍ମରେ ଆଦିଶଙ୍କରାଚାର୍ଯ୍ୟ ଅଦ୍ୱୈତ ସିଦ୍ଧାନ୍ତ ପ୍ରତିପାଦନ କରିଥିଲେ, ତାପରେ କିଛିକାଳ ଉତ୍ତାରେ ରାମାନୁଜାଚାର୍ଯ୍ୟ ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତ ବାହାରକୁ ଆଣିଲେ । ତାପରେ ମଧ୍ୱାଚାର୍ଯ୍ୟଙ୍କ ଦ୍ୱୈତ ସିଦ୍ଧାନ୍ତ ଆସିଥିଲା, ଏମାନେ ଥିଲେ ଅଗ୍ରକୁଳର । ଗତ ୩୮ ବର୍ଷରୁ **ତ୍ରୈତ ସିଦ୍ଧାନ୍ତକୁ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ପ୍ରତିପାଦନ କରି, ସେହି ସିଦ୍ଧାନ୍ତକୁ ପ୍ରଚାର କରି ତ୍ରୈତ ସିଦ୍ଧାନ୍ତ ଅନୁସାରେ ଭଗବଦ୍ଗୀତାକୁ ବିବରଣାତ୍ମକ ଲେଖିଥିଲେ** । ହିନ୍ଦୁଧର୍ମର ସିଦ୍ଧାନ୍ତ ବିବରଣୀ ଜଣାନଥିବା ଲୋକମାନେ, ଅଗ୍ରକୁଳର ଲୋକମାନେ

ତ୍ରୈତ କ'ଣ ନଜାଣି ଏହା ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ, ଏହାକୁ ତ୍ରୈତ ସିଦ୍ଧାନ୍ତ କହି ଉପରେ ଭଗବଦ୍ଗୀତା ନାମରେ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିଛନ୍ତି, ଯୋଗୀଶ୍ୱରଙ୍କ ବାବଦରେ ନାନା ବିରୁଦ୍ଧ କଥା କହିଛନ୍ତି । ଗୋଟିଏ ଦିଗରେ ହିନ୍ଦୁତ୍ୱର ସର୍ବନାଶ କରୁଥାଇ, ଆମେ ହିନ୍ଦୁଧର୍ମକୁ ରକ୍ଷା କରୁଛୁ ବୋଲି ଅଭିନୟ କରୁଥାଇ ଯୋଗୀଶ୍ୱରଙ୍କ ଜ୍ଞାନମାର୍ଗରେ ନାନା ସନ୍ଦର୍ଭରେ ଅବରୋଧ ହୋଇଛନ୍ତି । ତିନିଗୋଟି ସ୍ଥାନରେ ଅସତ୍ୟ ପ୍ରଚାର କରୁଛନ୍ତି କହି ଭଗବଦ୍ଗୀତା ପ୍ରଚାର କରୁଥିବା ଯୋଗୀଶ୍ୱରଙ୍କ ଶିଷ୍ୟମାନଙ୍କ ଉପରେ କେସ୍ ମଧ୍ୟ କରିଛନ୍ତି । କେତେକ ସ୍ଥାନରେ ସିଧା ଆକ୍ରମଣ ମଧ୍ୟ କରିଛନ୍ତି; ତଥାପି ଯୋଗୀଶ୍ୱରଙ୍କ ଶିଷ୍ୟମାନେ ଧୈର୍ଯ୍ୟର ସହିତ ସେସବୁକୁ ସହି, ଜ୍ଞାନ ପ୍ରଚାର କରୁଛନ୍ତି । ଏଇ ମଧ୍ୟକାଳୀନ ସମୟରେ ନାଲ୍ଗୋଣ୍ଡା ଜିଲ୍ଲାର ଭୂବନଗିରିରେ ଦେବେନ୍ଦ୍ର ନାମକ ଆମ ସଂଘର ସଭ୍ୟ ଉପରେ ଅସତ୍ୟ ପ୍ରଚାର କରୁଛି ବୋଲି ଆରୋପଣ କରି କେସ୍ ଦେଇଥିଲେ । ତାଛଡା ଆମ ପ୍ରଚାରବାହାନ ଭୂବନଗିରିରେ ଥିବାବେଳେ ଆମ ଗାଆଁରେ ପ୍ରଚାର କରନାହିଁ କହି ଫେରାଇ ଦେଇଥିଲେ । କରିମ୍ ନଗରରେ କାନ୍ଥରେ ଆମ ଲୋକମାନେ ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ପାଠକରନ୍ତୁ ବୋଲି ଲେଖିଥିବା ବେଳେ, ଅଗ୍ରକୁଳର ଲୋକମାନେ ଆସି ଏହା ଖ୍ରୀଷ୍ଟଧର୍ମ ପ୍ରଚାର ହେଉଛି, କାନ୍ଥରୁ ଏହାକୁ ତୁରନ୍ତ ଲିଭାଅ ବୋଲି କହିଥିଲେ । ଦୁଇଦିନ ତଳେ ଅର୍ଲଗଡ୍ଡାରେ ଆମ ପ୍ରଚାରବାହାନ ଥିବାବେଳେ, ସେଠାକୁ ଜଣେ ଅଗ୍ରକୁଳର ଲୋକ ଆସି ଏସବୁ ଖ୍ରୀଷ୍ଟଧର୍ମ ପ୍ରଚାର, ଏହା ପ୍ରଚାର କରିବା ବନ୍ଦକର କହି ତୀବ୍ର କଳିଗୋଳ କରିବା ବେଳେ, ଠିକ୍ ସେହି ସମୟରେ ସେହି ଗାଆଁର ଦୁଇଜଣ ଆମ ଗ୍ରନ୍ଥପଢି ଜ୍ଞାନ ଜାଣିଥିବା ବ୍ୟକ୍ତି ଆସିବା ଦ୍ୱାରା ସେମାନଙ୍କୁ ଜ୍ଞାନକହିବା ପରେ ସେଠାରୁ ପଳାଇ ଯାଇଥିଲେ, ସେତେବେଳେ ସେଠାରେ ଥିବା ଲୋକମାନେ ଏହା ମହାନ ଜ୍ଞାନ, ଏତେଦିନ ପରେ ଏଭଳି ମହାନ ଜ୍ଞାନ ମିଳିବା ଆମର ସୌଭାଗ୍ୟ, ଆମେ ବହୁତ ଖୁସିଥିବା ବେଳେ, ସମାଜର ସର୍ବନାଶ କରୁଥିବା ତୁମେମାନେ

ଏହା ଜ୍ଞାନ ନୁହେଁ ବୋଲି କିପରି କହୁଛ ? ବୋଲି କହିଥିଲେ । ଏହିଭଳି ପ୍ରଜାମନେ ସେମାନଙ୍କୁ ସମ୍ମୁଖୀନ କରି କଥାକହିବା ବେଳ ଆସୁଛି, ସବୁଆଡେ ମଧ୍ୟ ଆସିବ, ସତକୁ ସମସ୍ତେ ଜାଣିବେ ।

ଗୌତମ ବୁଦ୍ଧ ଜ୍ଞାନ କହିଥିବା ସ୍ଥଳେ, ସେ ଅଗ୍ରକୁଳର ହୋଇନଥିବାରୁ, ତାଙ୍କୁ ଅନ୍ୟ ଧର୍ମର ବୋଲି ପ୍ରଚାର କରିଥିଲେ । ସେଦିନ ଗୌତମ କ'ଣ ହିନ୍ଦୁ ନଥିଲେ ! ସେମାନଙ୍କ ଆଧିପତ୍ୟ ବିସ୍ତାର ପାଇଁ ହିଁ ହିନ୍ଦୁଧର୍ମରୁ ବୁଦ୍ଧଙ୍କୁ ଅଲଗା କରିଦେଲେ । ଆଜି ବୌଦ୍ଧଧର୍ମ ବିଦେଶରେ ବ୍ୟପିଥିଲେହେଁ ଆମ ଦେଶରେ ନାହିଁ । ଏଭଳି କରିଛି କିଏ ? ସେହି ଅଗ୍ରକୁଳର ଲୋକମାନେ ! ଆଜି ବୁଦ୍ଧ ଆମରି ଲୋକ, ସେ କହିଥିବା ଜ୍ଞାନ ଆମରି ଧର୍ମର ବୋଲି କହି ନପାରିବା ପରିସ୍ଥିତି ଆସି ପହଞ୍ଚିଛି । ସେହିଭଳି ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ତ୍ରୈତ ସିଦ୍ଧାନ୍ତ ହିନ୍ଦୁଧର୍ମର ନୁହେଁ ବୋଲି କହିବା, ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଭଗବଦ୍ଗୀତା ବୋଲି ନ କହିବା କଥାକୁ ଗୋଟିଏ ଦିଗରୁ ପ୍ରଜାମାନେ ଦେଖୁଛନ୍ତି । ପ୍ରବୋଧାନନ୍ଦ ଯୋଗୀଶ୍ୱର ଗତ ୪୦ବର୍ଷରୁ ବୋଧ କରିଥିବା ଜ୍ଞାନବାଣୀ ହିନ୍ଦୁଧର୍ମର ମହାନବାଣୀ ବୋଲି ଅନ୍ୟ ଧର୍ମର ଲୋକମାନେ ଆଜି ସ୍ୱୀକାର କରୁଛନ୍ତି । ନୀଚକୁଳ ବୋଲି ଅଗ୍ରକୁଳିଆଙ୍କ ଦ୍ୱାରା କଥିତ ହୋଇଥିବା ନୀଚକୁଳର ଲୋକମାନେ ହିନ୍ଦୁ (ଇନ୍ଦୁ) ଜ୍ଞାନ ଜାଣି ଚୈତନ୍ୟବନ୍ତ ହୋଇ ସେମାନଙ୍କୁ ଜ୍ଞାନ କହିବା ସ୍ଥିତିରେ ପହଞ୍ଚିଲେଣି । ନୀଚକୁଳର ଲୋକମାନଙ୍କ ଉପରେ ଆଧାରିତ ହୋଇ ବଞ୍ଚୁଥିବା ଅଗ୍ରକୁଳର ଲୋକମାନଙ୍କ ଉପରେ ଯଦି ଗୋଟିଏ ଥର ଅଙ୍ଗୁଳି ଉଠାନ୍ତି, ତୁମମାନଙ୍କ ସହିତ ଆମର ଆଉ ସମ୍ପର୍କ ନାହିଁ ବୋଲି କହନ୍ତି, ତେବେ କଣ ହେବ ତାହା ଆଉ କହିବା ଦରକାର ନାହିଁ । ଏଭଳି ପରିସ୍ଥିତି ନଆସୁ, ଆମ ଜ୍ଞାନର ଅବରୋଧ ହୁଅନ୍ତୁ ନାହିଁ ବୋଲି ସେମାନଙ୍କୁ ବାରମ୍ବାର ଜଣାଉଛୁ ।

ଇତି

**ପ୍ରବୋଧା ସେବାସମିତି**